## ଅନିମେଷଙ୍କ ନୂଆ ଜାତୀୟ ରେକର୍ଡ : ୧୦.୧୮ ସେକେଣ୍ଡରେ ଦୌଡ଼ିଲେ ୧୦୦ ମିଟର




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୬୦ ● ୮ ଜୁଲାଇ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-160 ●8th July 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାଦଶ ପାଳି ଅଭିଯୋଗ ଶୁଣାଣି

# ଲୋକଙ୍କ ସରକାର ଲୋକଙ୍କ ସୁଖଦୁଃଖରେ ସବୁବେଳେ ଅଛନ୍ତି

**ଭୁବନେଶ୍ୱର, ୭।୭**
**ନ୍ୟୁଜ୍ ବ୍ୟୁରୋ**

ସମାଜର ଶେଷ ଧାଡିରେ ଥିବା ଲୋକମାନେ ଯେପରି ନିଜକୁ କେବେ ଅସହାୟ ନଭାବନ୍ତି ଏବଂ ସାଧାରଣ ଲୋକଟିଏ ଯେପରି ଅନୁଭବ କରିବ ଯେ ସରକାର ସୁଖଦୁଃଖରେ ତା ସହିତ ସବୁବେଳେ ଅଛନ୍ତି, ଏହି ମହତ୍ ଉଦ୍ଦେଶ୍ୟର ଲୋକଙ୍କ ସରକାର କ୍ରମାଗତ ଭାବେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜାରି ରଖିଛନ୍ତି।

ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ଦ୍ୱାଦଶ ପାଳି। ଭୁବନେଶ୍ୱର ୟୁନିଟ୍-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି।

ପଞ୍ଜିକୃତ କରିଥିବା ୧ ହଜାର ଅଭିଯୋଗକାରୀ ସେମାନଙ୍କ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ ।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପ୍ରଥମେ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଭିନ୍ନକ୍ଷମ ଲୋକମାନଙ୍କ ପାଖକୁ *(ପୃଷ୍ଠା ୭ରେ)*



### ଭବାନୀପାଟଣାରେ ହେବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୭।୭ : ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଭବାନୀପାଟଣାରେ ହେବ ମୁଖ୍ୟମନ୍ତ୍ରୀଙ୍କ ଆଗାମୀ ଅଭିଯୋଗ ଶୁଣାଣି। ଏଥିପାଇଁ ଆପାତତଃ ନିଷ୍ପତି ହୋଇଛି। ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ ଅଭିଯୋଗ ଶୁଣାଣି କରିବେ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ଆଜି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାଦଶ ଅଭିଯୋଗ ଶୁଣାଣି ଆଜି ଶେଷ ହୋଇଛି। ଭୁବନେଶ୍ୱର ରେ *(ପୃଷ୍ଠା ୭ରେ)*

# ଶ୍ରୀଜୀଉଙ୍କୁ ଲାଗିହେଲା ଅଧରପଣା ଆଜି ନୀଳାଦ୍ରି ବିଜେ





**ପୁରୀ, ୭।୭ : ନ୍ୟୁଜ୍ ବ୍ୟୁରୋ**

ରଥାରୂଢ଼ ଶ୍ରୀଜୀଉମାନଙ୍କ ଠାରେ ସୋମବାର ଅଧରପଣା ଲାଗି ହୋଇଥିଲା । ପ୍ରଥମେ ବଡ଼ଠାକୁରଙ୍କ ଠାରେ ଏହି ନୀତିର ଆୟୋଜନ କରାଯାଇଥିଲା। ତାପରେ ଦେବୀ ସଭଦ୍ରାଙ୍କ ଠାରେ ଅଧରପଣା ଲାଗି ହୋଇଥିଲା। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅଧରପଣା ନୀତିର ଆୟୋଜନ କରାଯାଇଥିଲା। ଅଧରପଣା ଲାଗି ପରେ ତିନି ରଥ ଉପରେ ହାଣ୍ଡି ଭଙ୍ଗାଯାଇଥିଲା।

ଘୋଷଯାତ୍ରାର ୧୨ ଦିନର ଏହି ଲୀଳାଖେଳା ଶେଷ ପରେ ଶ୍ରୀଜୀଉମାନେ ମଙ୍ଗଳବାର ସନ୍ଧ୍ୟାରେ ନୀଳାଦ୍ରି ବିଜେ କରିବେ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହ ରଥ ଉପରୁ ପୁଣି ଗୋଟି ପହଣ୍ଡିରେ ଶ୍ରୀମନ୍ଦିର ରତ୍ନ ସିଂହାସନକୁ ବିଜେ କରିବେ। ଏତେ ଦିନ ଧରି ମାନ କରି ରହିଥିବା ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିବେ ବ୍ରହ୍ମାଣ୍ଡଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ସୋମବାର ରାତିରେ ଅଧରପଣା ନୀତି ଶେଷ ହେବା ପରେ ମଙ୍ଗଳବାର ନୀତି ଆରମ୍ଭ ହେବ। ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରିଛି।

ମହାପ୍ରଭୁଙ୍କ ଅଧର ସ୍ପର୍ଶ ପଣା ହାଣ୍ଡି ଭୋଗ ହେବା ପରେ ଭଙ୍ଗାଯିବାର ପରମ୍ପରା ଅନନ୍ୟ। ଜନଶ୍ରୁତି ଅନୁଯାୟୀ ରଥ ଉପରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅଧରପଣା ଭୋଗ ହୋଇ ରଥର ପାର୍ଶ୍ୱ ଦେବାଦେବୀ ଓ ଅନ୍ୟ ଚଣ୍ଡୀ ଚାମୁଣ୍ଡାଙ୍କ ପାଇଁ ଅଧର ହାଣ୍ଡି ଭଙ୍ଗା ଯାଇଥାଏ।

ବଡଓଡ଼ିଆ ମଠ, ରାଘବଦାସ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦତ୍ତ ଛେନା, ଛାଚି, କ୍ଷୀର, ସର, ଗୋଲମରିଚ, କର୍ପୂର, ଜାଇଫଳ, କଦଳୀ ଆଦିକୁ ମିଶ୍ରଣ କରାଯାଇ ପଣା ପ୍ରସ୍ତୁତ କରାଯାଏ । ବିଶ୍ୱାସ ରହିଛି ଯଜ୍ଞ ପୂଜା ଦ୍ୱାରା ରଥଯାତ୍ରା ସମୟରେ ଶ୍ରୀଜୀଉମାନଙ୍କ ସହିତ ବହୁ ଦେବାଦେବୀ, ଚଣ୍ଡୀ ଚାମୁଣ୍ଡା ଯାତ୍ରା କରିଥାନ୍ତି । ସେମାନଙ୍କ ସନ୍ତୁଷ୍ଟି ପାଇଁ ଅଧରପଣା କରାଯାଇ ରଥ ଉପରେ ହାଣ୍ଡି ଭଙ୍ଗାଯାଏ । ମଙ୍ଗଳବାର ମହାପ୍ରଭୁଙ୍କ ନୀଳାଦ୍ରି ବିଜେ । ନବଦିନାତ୍ମକ ଯାତ୍ରା ସାରି ରତ୍ନସିଂହାସନକୁ ବାହୁଡ଼ିବେ ଶ୍ରୀଜୀଉ । ବୁଧବାରଠୁ ଶ୍ରୀମନ୍ଦିରରେ ପୁଣି ମିଳିବ ନୀଳାଚଳ ଅବଢ଼ା ।

### ମନମୋହନ ପୁଣି ହେବେ ବିଜେପି ରାଜ୍ୟ ସଭାପତି : ବିଧିବଦ୍ଧ ଘୋଷଣା ଆଜି

**ଭୁବନେଶ୍ୱର, ୭।୭**
**ନ୍ୟୁଜ୍ ବ୍ୟୁରୋ**

ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡ.କେ.ଲକ୍ଷ୍ମଣଙ୍କ ନିର୍ଦ୍ଦେଶାନୁଯାୟୀ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ଲାଗି ସୋମବାର ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟ ସଭାପତି ପଦରେ ଏକମାତ୍ର ପ୍ରାର୍ଥୀଭାବେ ମନମୋହନ ସାମଲ ଓ ସମସ୍ତ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି । ମଙ୍ଗଳବାର ଦିନ *(ପୃଷ୍ଠା ୭ରେ)*

# ଟ୍ରମ୍ପଙ୍କ ୧୦% ଅତିରିକ୍ତ ଟାରିଫ୍ ଧମକକୁ ବ୍ରିକ୍ସର ବିରୋଧ

**ୱାଶିଂଟନ, ୭।୭**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରକୁ ଶୁଳ୍କର ଧମକ ଦେଇଛନ୍ତି । ବ୍ରାଜିଲ, ଋଷ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠନ ହୋଇଥିବା ବ୍ରିକ୍ସ ବ୍ଲକ ବିରୋଧରେ ସେ ବିଷ ଓଗାଳିଛନ୍ତି । ବ୍ରିକ୍ସ ଦେଶ ଗୁଡ଼ିକ ଆମେରିକା ବିରୋଧୀ ନୀତି ଗ୍ରହଣ କରିଥିବା ସେ ଅଭିଯୋଗ କରିଛନ୍ତି। ଏଥିପାଇଁ ବିଶ୍ୱର କୌଣସି ରାଷ୍ଟ୍ର ଯଦି ବ୍ରିକ୍ସର ଆମେରିକା ବିରୋଧୀ ନୀତିକୁ ସମର୍ଥନ କରିବ, ତାହେଲେ ତା ଉପରେ ଅତିରିକ୍ତ ୧୦% ଶୁଳ୍କ ଲାଗୁ କରାଯିବ ବୋଲି ଟ୍ରମ୍ପ ଖୋଲାଖୋଲି ଭାବେ ଧମକ ଦେଇଛନ୍ତି।




ସୋସାଲ ମିଡିଆରେ ଟ୍ରମ୍ପ ଉଲ୍ଲେଖ କରିଛନ୍ତି, ବ୍ରିକ୍ସର ଆମେରିକା ବିରୋଧୀ ନୀତି ସହ ଯଦି କୌଣସି ରାଷ୍ଟ୍ର ଏକମତ ହୁଅନ୍ତି କିମ୍ବା ବ୍ରିକ୍ସ ସହ ମେଣ୍ଟ କରନ୍ତି, ତାହେଲେ ସେମାନଙ୍କ ଉପରେ ୧୦% ଅତିରିକ୍ତ ଶୁଳ୍କ ଲାଗିବ । ଏହି ନୀତିରେ କୌଣସି ବ୍ୟତିକ୍ରମ ରହିବନି ।

ଟ୍ରମ୍ପ ବ୍ରିକ୍ସ ଦେଶଗୁଡ଼ିକ ବିରୋଧରେ ଆମେରିକା ବିରୋଧୀ ନୀତିର ଅଭିଯୋଗ ଆଣିଛନ୍ତି । କିନ୍ତୁ ସେ ବ୍ରିକ୍ସ ଦେଶର କେଉଁ ନୀତିକୁ ଆମେରିକା ବିରୋଧୀ ବୋଲି କହୁଛନ୍ତି, ସେ ବିଷୟରେ କିଛି ବି କହି ନାହାନ୍ତି । ଆଉ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି ଯେ ଆମେରିକା ପ୍ରଶାସନ ନୂଆ ଟାରିଫ ନିୟମ ଓ ବିଭିନ୍ନ ଦେଶ ସହ ହୋଇଥିବା ସଂଶୋଧିତ ବାଣିଜ୍ୟ ଡିଲ *(ପୃଷ୍ଠା ୭ରେ)*

# ରାଜ୍ୟରେ ବନ୍ୟା ସ୍ଥିତି ନାହିଁ : ୨୪ ଘଣ୍ଟା ଭିତରେ ମୁଣ୍ଡଳୀରେ ପହଞ୍ଚିବ ପ୍ରଥମ ବନ୍ୟାଜଳ

**ଭୁବନେଶ୍ୱର, ୭।୭**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବନ୍ୟା ସ୍ଥିତି ଉପୁଜିନାହିଁ ବୋଲି କହିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ। ସେ କହିଛନ୍ତି ହୀରାକୁଦର ୨୦ ଗେଟ ଦେଇ ୨.୯୫ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହେଉଛି । ମଙ୍ଗଳବାର ସକାଳ ୬ଟା ପରେ ମୁଣ୍ଡଳୀରେ ପହଞ୍ଚିବ ବନ୍ୟା ଜଳ। ୪.୫ ଲକ୍ଷ କ୍ୟୁସେକ ଜଳ ମୁଣ୍ଡଳୀରେ ଆସିବ। ଆଗାମୀ ଦିନରେ ବର୍ଷା ଅଧିକ ହେଲେ ଅଧିକ ଗେଟ ଖୋଲା ହେବ। ବୈତରଣୀ ୱାର୍ଣ୍ଣିଂ ଲେଭୁଲ ପାର କରିଛି । ଗେଟ ଖୋଲିବା ପରେ ଜଳ ନିଷ୍କାସନ ହେଉଛି । ହେଲେ ବିପଦ ସଂକେତ ଛୁଇଁନି । ରେଙ୍ଗାଲି ଡ୍ୟାମର ଦୁଇଟି ଗେଟ ଦେଇ ୩ ହଜାର ୧୨୪ କ୍ୟୁସେକ ଜଳ ନିଷ୍କାସନ ହେଉଛି ।



ହୀରାକୁଦ ପାଣି ଯୋଗୁଁ ବନ୍ୟା ଆସିବାର ସମ୍ଭାବନା ନାହିଁ । ତଥାପି ସତର୍କ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ହୀରାକୁଦ ବନ୍ୟାଜଳ ଛଡ଼ାଯିବା ପୂର୍ବରୁ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ କରିଛି ପ୍ରଶାସନ । ସ୍ଥିତି ଉପରେ ପୋଲିସ, ଅଗ୍ନିଶମ ଓ ଓଡ୍ରାଫ ଟିମ ନଜର ରଖିଛନ୍ତି।

ବୁଢ଼ାବଳଙ୍ଗରେ ଅଧିକ ଜଳ ଆସିବ ହେଲେ ବିପଦ ସଂକେତ ଛୁଇଁବ ନାହିଁ। ଯାଜପୁର ଜିଲ୍ଲା ଦଶରଥପୁରରେ ଗ୍ରାମୀଣ ବିକାଶ ପ୍ରୋଟେକ୍ସନ ୱାଲ କରିବାର ଥିଲା, ହେଲେ କରାଯାଇନାହିଁ। ତେଣୁ ଛୋଟ ଆକାରରେ ବନ୍ଧ ଭାଙ୍ଗିଛି ବୋଲି କହିଛନ୍ତି ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ।

ଆସନ୍ତା ୨୪ ଘଣ୍ଟା ଭିତରେ କଟକ ମୁଣ୍ଡଳୀରେ ପହଞ୍ଚିବ *(ପୃଷ୍ଠା ୭ରେ)*

### ବଜ୍ରପାତରେ ୩ ଚାଷୀଙ୍କ ମୃତ୍ୟୁ

**ଭଦ୍ରକ/ବାଲେଶ୍ୱର, ୭।୭**
**ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ସୋମବାର ବଜ୍ରପାତ ଯୋଗୁଁ ତିନିଜଣଙ୍କର ମୃତ୍ୟୁ ଘଟିଛି। ବିଲରେ ଚାଷ କାମ କରୁଥିବା ବେଳେ ଏମାନଙ୍କର ମୃତ୍ୟୁ ହୋଇଛି । ମୃତକମାନେ ହେଲେ ମଦନ ମହରଣା (୬୦), ହୃଦାନନ୍ଦ ମହାରଣା (୫୭) ଓ ଚନ୍ଦ୍ରକାନ୍ତ ପଣ୍ଡା।

ତିହିଡ଼ି ତହସିଲ ପୀରହାଟ ଥାନା ହରସିଂହପୁର ପଞ୍ଚାୟତ ଅଧୀନ ଚଣ୍ଡୀସାହି ଗ୍ରାମରେ ବଜ୍ରପାତରେ ଦୁଇଭାଇଙ୍କର ଦୁଃଖଦ ମୃତ୍ୟୁ ଘଟିଛି । ଚଣ୍ଡୀସାହି ଗ୍ରାମର ଜଗବନ୍ଧୁ ମହାରଣାଙ୍କ ଦୁଇ ପୁଅ ମଦନ ମହରଣା ଓ ହୃଦାନନ୍ଦ ମହାରଣା ବିଲକୁ ଚାଷ କରିବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ମଦନ ଓ *(ପୃଷ୍ଠା ୭ରେ)*

### ପ୍ରକାଶ ପାଇଲା ପ୍ରଥମ ପର୍ଯ୍ୟାୟ ଯୁକ୍ତ ଦୁଇ କଟଅଫ୍ ମାର୍କ ତାଲିକା

# କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଗରେ ରେଭେନ୍ସା

**କଟକ, ୭।୭**
**ନ୍ୟୁଜ୍ ବ୍ୟୁରୋ**

ଯୁକ୍ତ ଦୁଇ ଆଡମିଶନ ପାଇଁ ପ୍ରକାଶ ପାଇଲା ପ୍ରଥମ ପର୍ଯ୍ୟାୟ କଟଅଫ୍ ମାର୍କ ତାଲିକା । ବିଜ୍ଞାନ ଓ ବାଣିଜ୍ୟ ଓ କଳା କଟଅଫ୍ ମାର୍କରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶୀର୍ଷରେ ରହିଛି । ବିଜ୍ଞାନରେ ସାଧାରଣ ବର୍ଗଙ୍କ ପାଇଁ ୯୧.୮୩% ସହ ରେଭେନ୍ସା ଶୀର୍ଷରେ ରହିଛି। ସେହିପରି ୮୯.୪୦% ମାର୍କ ସହ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛି । ୮୭.୫୦ % କଟଅଫରେ ବାଲେଶ୍ୱର ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି ।

ସେହିପରି ବାଣିଜ୍ୟରେ ରେଭେନ୍ସା ସାଧାରଣ ବର୍ଗରେ ୮୦.୨୦% କଟଅଫ ରଖି ଶୀର୍ଷରେ ରହିଛି । ୭୮.୬୭% କଟଅଫ୍ ସହିତ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟରେ ରହିଛି । ୭୩.୫୦% କଟଅଫ୍ ସହିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହିଛି। ସେହିଭଳି କଳା ବିଭାଗରେ ୮୧.୩୩% କଟଅଫ ସହ ପ୍ରଥମେ ରହିଛି ରେଭେନ୍ସା, ଦ୍ୱିତୀୟରେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟଅଫ ୭୭.୩୩ % ରହିଛି, ତୃତୀୟରେ ବକ୍ସି *(ପୃଷ୍ଠା ୭ରେ)*

## ରାଜ୍ୟସ୍ତରୀୟ ବନ ମହୋତ୍ସବ

# 'ଏକ ପେଡ଼୍ ମା' କେ ନାମ' ୨.୦ ଅଭିଯାନରେ ୭.୫ କୋଟି ଚାରା ରୋପଣ କରାଯିବ

**ଭୁବନେଶ୍ୱର, ୭।୭**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଜଙ୍ଗଲ ସମ୍ପଦର ବିକାଶ, ବନ୍ୟପ୍ରାଣୀ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଭିନ୍ନ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି କାର୍ଯ୍ୟରେ କ୍ଷେତ୍ର କର୍ମଚାରୀ ଓ ଜନସାଧାରଣଙ୍କୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଏହି ପୁରସ୍କାର ଗୁଡିକର ପୁନର୍ବିନ୍ୟାସ କରାଯାଇଛି । ସୋମବାର ପୁରୁଣା ଭୁବନେଶ୍ୱର ସ୍ଥିତ ବିଏମ ହାଇସ୍କୁଲରେ ଆୟୋଜିତ ବନମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ




ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି । ଏହି ନୂତନ ପୁରସ୍କାର ଆଜିଠାରୁ ହିଁ ଲାଗୁ ହୋଇଛି ।

ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ବନ ସୁରକ୍ଷା ଓ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ସ୍ତରୀୟ ପୁରସ୍କାର ଯୁଗ୍ମ ଭାବେ ପାଇଛନ୍ତି । କଳାହାଣ୍ଡିର ତୁଲଙ୍ଗପଦର ବନ ସୁରକ୍ଷା ସମିତି ଏବଂ କରଞ୍ଜିଆ ଫରେଷ୍ଟ ଡିଭିଜନର ପାହାଡପୁର ବନ ସୁରକ୍ଷା ସମିତି । ଉଭୟଙ୍କୁ ମିଳିତ ଭାବେ ୪ ଲକ୍ଷ ଟଙ୍କା ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି ।

କଳାହାଣ୍ଡି ନର୍ଥ *(ପୃଷ୍ଠା ୭ରେ)*

### ଏକାଳ ପଖାଳ




ଇଂଲଣ୍ଡ ଛାନିଆ ହୋଇ ହାରିଗଲା
ପାରିଲାନି ଟିକେ ଲଢ଼ି
ଗିଲ୍ ଦିଲ୍ ଜିତି ଗଲେ ପୂରା
ଭାରତ କଲା ଯେ ରଡ଼ି
ଏତିକିରେ ନ ଛାଡି
ବାକି ତିନି ଟେଷ୍ଟ ଟକ୍କର ଦେଇଣ
ଚଢ଼ ସଫଳତା ସିଡି ।

# କାହିଁକି ନୋଟ୍‌ରେ ଥାଏ ଗାନ୍ଧୀଙ୍କ ଫଟୋ: ଆରବିଆଇ କଲା ବଡ଼ ଖୁଲାସା



**ନୂଆଦିଲ୍ଲୀ, ୭।୭**

ଭାରତୀୟ ମୁଦ୍ରାରେ କେବଳ ମହାତ୍ମା ଗାନ୍ଧୀଙ୍କ ଫଟୋ ଥାଏ। ଭାରତ ଭଳି ଦେଶରେ ମହାନ ବ୍ୟକ୍ତିତ୍ୱଙ୍କ ଅଭାବ ନାହିଁ, କିନ୍ତୁ ଆଜି ମଧ୍ୟ ନୋଟରେ କେବଳ ବାପୁଙ୍କ ଫଟୋ କାହିଁକି ମୁଦ୍ରିତ ହୁଏ? ଏହି ଉତ୍ତର ଏବେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଦିଆଯାଇଛି।

ରିଜର୍ଭ ବ୍ୟାଙ୍କ କହିଛି, ଭାରତୀୟ ଟଙ୍କାରେ ଜଣେ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ଫଟୋ ଲଗାଇବା ପାଇଁ ରବୀନ୍ଦ୍ରନାଥ ଟାଗୋର, ମଦର ଟେରେସା ଭଳି ଅନେକ ବଡ଼ ନାମଙ୍କୁ ବିଚାର କରାଯାଇଥିଲା, କିନ୍ତୁ ତାପରେ ମହାତ୍ମା ଗାନ୍ଧୀଙ୍କ ନାମ ଉପରେ ଏକ ସହମତି ହୋଇଥିଲା। ସେହି ସହମତିର ପରିଣାମ ସ୍ୱରୂପ ଗାନ୍ଧୀଜୀଙ୍କ ଫଟୋ ବହୁ ଦିନ ଧରି ନୋଟରେ ରହିଛି । ଆରବିଆଇର କାର୍ଯ୍ୟକାରିତା ଉପରେ ନିର୍ମିତ ଏକ ଡକ୍ୟୁମେଣ୍ଟାରୀରେ ଏହା ଉଲ୍ଲେଖ କରାଯାଇଛି।

ଆରବିଆଇ ଆହୁରି କହିଛି, ଯଦି ନୋଟରେ କୌଣସି ପ୍ରସିଦ୍ଧ ବ୍ୟକ୍ତିଙ୍କ ଫଟୋ ଅଛି, ତେବେ ନୋଟଟି ଅସଲି କି ନକଲି ତାହା ଚିହ୍ନଟ କରିବା ସହଜ ହୋଇଥାଏ। କାରଣ ଯଦି ନକଲି ନୋଟର ଡିଜାଇନ ଭଲ ନୁହେଁ, ତେବେ ଏହି ଚିତ୍ରଗୁଡ଼ିକର ସାହାଯ୍ୟରେ ନୋଟଟି *(ପୃଷ୍ଠା ୭ରେ)*

# ଲଘୁଚାପ : ୧୩ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୭।୭**
**ନ୍ୟୁଜ୍ ବ୍ୟୁରୋ**

ଘୂର୍ଣ୍ଣିବଳୟ ପ୍ରଭାବରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ଗାଙ୍ଗେୟ-ପଶ୍ଚିମବଙ୍ଗ ଉପତ୍ୟକା ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆଗାମୀ ୨ ରୁ ୩ ଦିନ ଯାଏଁ ଏହା ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ ମଧ୍ୟ ଦେଇ ଗତି କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ସୋମବାର ଉତ୍ତର ଏବଂ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ମଙ୍ଗଳବାର ସକାଳ ସାଢେ ୮ ଟା ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୪ ଜିଲ୍ଲାକୁ



ରେଡ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏସବୁ ଜିଲ୍ଲାଗୁଡିକ ହେଉଛି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ସମ୍ବଲପୁର। ଘଡ଼ଘଡ଼ି ସହିତ ବିଜୁଳି ହେବାର ସମ୍ଭାବନା ରହିଛି । ପରିସ୍ଥିତି ଉପରେ ନଜର ରଖିବାକୁ ଜିଲ୍ଲା ପ୍ରଶାସନଙ୍କୁ କୁହାଯାଇଛି । ଝାରସୁଗୁଡା, ବରଗଡ଼, ବଲାଙ୍ଗୀର, *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ଜୁଲାଇ ୨୦୨୫ ମଙ୍ଗଳବାର







# ବନ୍ୟାରେ ଧୋଇଗଲା କଶିରା-ଡିମିରିଡିହା ରାସ୍ତା:ଯାତାୟାତ ଠପ୍

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କଶିରା-ଡିମିରିଡିହା ପ୍ରଧାନମନ୍ତ୍ରୀ ରାସ୍ତା ବନ୍ୟାରେ ଧୋଇଯାଇଛି । ଲଗାଣ ବର୍ଷାରେ ରାତ୍ର ସାଢେ ୮ଟା ପାଖାପାଖି ନିକଟରେ ଥିବା ଛିଟିଙ୍ଗା ନାଳ ଫୁଲି ଉଠିଥିଲା। ପାଖାପାଖି ୧୨ ଫୁଟ ଉଚ୍ଚତାରେ ବନ୍ୟାଜଳ ରାସ୍ତା ପର୍ଯ୍ୟନ୍ତ ପ୍ରଭାବିତ ହୋଇଛି । ଘଣ୍ଟାଘଣ୍ଟା ଧରି ପାଣି ରାସ୍ତା ଉପରେ ଚାଲିବା ଯୋଗୁଁ ବିରାଟ ଗଛ ଉପୁଡି ପଡିବା ସହ ପିଚୁ ରାସ୍ତା ଧୋଇଯାଇ ୧୨ ଫୁଟର ଗର୍ତ୍ତ ସୃଷ୍ଟି ହୋଇଛି । ଫଳରେ ପଦ୍ମପୁର ଅଞ୍ଚଳକୁ ଯାତାୟାତ ଠପ୍ ହୋଇଛି । କଶିରା, କଶିରାପାଟଣା, ଅମୃତପଡା, ଜଗନ୍ନାଥପୁର ଆଦି ଗ୍ରାମର ହଜାର ହଜାର ଲୋକେ ଯାଆସ କରିନପାରି ବହୁ ଅସୁବିଧାର ସମ୍ମୁଖିନ ହୋଇଛନ୍ତି । କଲ୍ୟା, ପାଟୁଙ୍ଗ ପଳାସପଙ୍ଗା ଦେଇ ଲୋକେ ଜରୁରୀ କାଳୀନ ବଜାର ସମେତ ମେଡିକାଲ୍ ଓ ଅନ୍ୟାନ୍ୟ କାମରେ ଯାତାୟାତ କରୁଛନ୍ତି । ତୁରନ୍ତ ଜିଲ୍ଲା ପ୍ରଶାସନ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ କେଶବ ଚନ୍ଦ୍ର ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ଲକ୍ଷ୍ମଣ ମାଝୀ, ଜଗେଶ୍ୱର ମହାନ୍ତ, ରଞ୍ଜନ ମହାନ୍ତ, ଦେବାଶିଷ ଦେଓ, ସମାଜସେବୀ ଯୁଧିଷ୍ଠିର ମହାନ୍ତ, ବିଦ୍ୟାଧର ମହାନ୍ତ, ଅରୁଣ କୁମାର ମହାନ୍ତ ପ୍ରମୁଖ ଅଞ୍ଚଳବାସୀ ପ୍ରମୁଖ ଦାବି କରିଛନ୍ତି ।

# ବିଦ୍ୟାଳୟ ଛାତରୁ ଗଳୁଛି ବର୍ଷା ପାଣି:ପାଠ ପଢ଼ାରେ ବାଧା

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ମଣିଷକୁ ଆଗେଇ ନେବାରେ ସହଯୋଗ କରିଥାଏ । ତେଣୁ ସରକାର ଶିକ୍ଷାର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି । ଶିକ୍ଷା ଅଧିକାର ଆଇନ୍ ଅନୁସାରେ ପ୍ରାଥମିକ ଶିକ୍ଷା ପାଇବା ଶିଶୁର ଏକ ମୌଳିକ ଅଧିକାର । କିନ୍ତୁ ପ୍ରଶାସନିକ ଉଦାସୀନତା ଯୋଗୁଁ ଶିଶୁମାନଙ୍କ ନିମନ୍ତେ ରହିଥିବା ବ୍ୟବସ୍ଥା ଭୁଷୁଡି ପଡିଛି । କାରଣ ଶ୍ରେଣୀ ଗୃହର ଅଭାବରେ ପିଲାମାନେ ଠିକ୍ ଭାବରେ ପଢିପାରୁନାହାନ୍ତି । ଗାଁରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରଛାତ୍ରୀ ଠିକ୍ ଭାବରେ ଶିକ୍ଷା ପାଇପାରୁନାହାନ୍ତି । ଖଡ଼ିଆଳ ବ୍ଲକ ରାନିମୁଣ୍ଡା ଗ୍ରାମପଞ୍ଚାୟତର ସମାଡ଼ପଦର ଗାଁ । ଜଙ୍ଗଲ ଭିତରେ ଥିବା ଏହି ଗାଁ ସ୍କୁଲ୍‌ରେ ପାଞ୍ଚଟି କୋଠରୀ ଥିବାବେଳେ ଚାରିଟି କୋଠରୀର ଛାତ ଜରାଜୀର୍ଣ୍ଣ ହେବା ସହ ପାଣି ଝରୁଛି । ସେଥିପାଇଁ ବର୍ଷା ଦିନରେ ଗୋଟିଏ କୋଠରୀରେ ସବୁ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି । ଅନ୍ୟ ଦିନ ଦୁଇଟି କୋଠରୀ ଓ ବାରଣ୍ଡାରେ ପାଠ ପଢ଼ାଯାଏ । ଏଥିରୁ ଅନୁମାନ କରାଯାଏ, ଏଠାରେ କେମିତି ଚାଲିଛି ଶିକ୍ଷାଦାନ । ଖାଲି ଶ୍ରେଣୀଗୃହ ନୁହଁ, ବିଦ୍ୟାଳୟରେ ପାଣି ସମସ୍ୟା ରହିଥିବା ବେଳେ ପାଚେରୀ ନଥିବାରୁ ଅସୁବିଧା ହେଉଛି । କାରଣ ସମାଡ଼ପଦର ଗାଁ ଏକ ଜଙ୍ଗଲ ଭିତରଗାଁ, ଏହି ଗାଁରେ ହିଂସ୍ରଜନ୍ତୁଙ୍କ ଭୟ ରହିଥାଏ । ଏକ ବର୍ଷ ତଳେ ଏକ ଦନ୍ତା ହାତୀ ଏହି ଜଙ୍ଗଲକୁ ଆସିଥିଲା । ପାଚେରୀ ନଥିବାରୁ ହିଂସ୍ରଜନ୍ତୁଙ୍କ ଭୟ ରହିଥିବା ଅଭିଯୋଗ ହେଉଛି । ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟ ସମସ୍ୟା ହେଲା ଗାଁକୁ ରାସ୍ତା ନାହିଁ । ପାହାଡ଼ି ରାସ୍ତା ପାର ହୋଇ ଚାରି କିଲୋମିଟର ଓହ୍ଲାଇଲେ ଅନ୍ୟ ଗାଁକୁ ଯାଇହୁଏ । ଏଣୁ ଅଷ୍ଟମ ପାସ୍ ପରେ ଅନେକ ଶିଶୁ ଆଉ ପାଠ ପଢ଼ନ୍ତି ନାହିଁ । ଅତି କମ୍‌ରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଭଲ ଶିକ୍ଷା ପ୍ରଦାନ କରିବା ଜରୁରୀ ହୋଇପଡିଛି । କିନ୍ତୁ, ସେତକ ମଧ୍ୟ ମିଳୁନାହିଁ । ଏନେଇ ପ୍ରଶାସନକୁ ଜଣାଇଲେ ମଧ୍ୟ ଶୁଣୁନଥିବା କହିଛନ୍ତି ଚେୟାରମ୍ୟାନ ।

# ବହୁ ଚର୍ଚ୍ଚିତ ନାଗେଶ୍ୱରୀ ପାହାଡ଼ ଉପରକୁ ଯିବା ପର୍ଯ୍ୟଟକଙ୍କୁ ମନା



**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ବହୁ ଚର୍ଚ୍ଚିତ ପର୍ଯ୍ୟଟନ ସ୍ଥଳୀ ନାଗେଶ୍ୱରୀ ପାହାଡ଼ ଫାଟକରେ ପୁଣି ପଥର ରଖି ରାସ୍ତା ଅବରୋଧ କରାଯାଇଥିବା ଦେଖିବାକୁ ମିଳିଛି । ଏଥି ପୂର୍ବରୁ ଦୀର୍ଘ ତିନି ମାସ ପର୍ଯ୍ୟନ୍ତ ରାସ୍ତା ଅବରୋଧ ରହିଥିବା ବେଳେ ନନ୍ଦପୁର ତହସିଲଦାରଙ୍କ ହସ୍ତକ୍ଷେପ ପରେ ଏକ ମାସ ହେବ ରାସ୍ତା ଅବରୋଧ ହଟାଇ ପର୍ଯ୍ୟଟକଙ୍କ ଲାଗି ରାସ୍ତା ସ୍ୱାଭାବିକ କରିବାର ପ୍ରୟାସ କରାଯାଇଥିଲା । ହେଲେ ଅବରୋଧ ରାସ୍ତା ମଧ୍ୟ ରାତ୍ରିରେ କିଏ ହଟାଇ ଦେଇଥିଲେ ଆଜି ପର୍ଯ୍ୟନ୍ତ ଜଣାପଡିନଥିବା ବେଳେ ଏକ ମାସ ପରେ ପୁଣି ପାହାଡ ତଳ ମୁଣ୍ଡରେ ପଥର ରଖି ରାସ୍ତା ଅବରୋଧ କରାଯାଇଛି । ତେବେ ପୁଣି ପର୍ଯ୍ୟଟନସ୍ଥଳୀ ନାଗେଶ୍ୱରୀ ପାହାଡ଼ ଉପର ମୁଣ୍ଡକୁ ଯିବାକୁ ଦ୍ୱିତୀୟ ଥର ରାସ୍ତା ଅବରୋଧ ହୋଇଥିବା ବେଳେ ପାଡୁଆ ପୋଲିସ ପାଖରେ ଖବରନଥିବା ସୂଚନା ମିଳିଛି । ଏ ନେଇ ପାଡୁଆ ଆଇଆଇସିଙ୍କୁ ଫୋନ୍ ଯୋଗାଯୋଗ କରିଥିଲେ ସୁଦ୍ଧା କିଛି ଉତ୍ତର ମିଳିପାରିନାହିଁ । ତେବେ ପ୍ରଶ୍ନ ଉଠୁଛି ବାରମ୍ବାର ଏହିପରି ଘଟଣା ଅଞ୍ଚଳରେ ଅଶାନ୍ତି ଲାଗି ରହିଥିବା ବେଳେ ପାଡୁଆ ଆଇଆଇସିଙ୍କ ନଜର ନଆସିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ତେବେ ଅଞ୍ଚଳରେ ଘଟୁଥିବା ଗତିବିଧି ଉପରେ ପୋଲିସ ନିକଟରେ ଖବର ନଥିବା କେତେ ଦୂର ଯୁକ୍ତିଯୁକ୍ତ ସେନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି । ମିଳିଥିବା ସୂଚନା ଅନୁସାରେ ପୁଣି ନାଗେଶ୍ୱରୀ ସୁରକ୍ଷା କମିଟି ରାସ୍ତା ଅବରୋଧ କରିଥିବା କୁହାଯାଉଛି । ତେବେ ପାହାଡ ପରିଦର୍ଶନ ଲାଗି ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହା ଏକ ଶକ୍ତ ଆଘାତ ହୋଇଛି ।





# ମେଡିକାଲ୍ କଲେଜ ପ୍ରତିଷ୍ଠା ଦାବି ଜୋର୍ ଧରିଲା ଜୁଲାଇ ୨୩ରେ କେନ୍ଦ୍ରାପଡ଼ା ଜିଲ୍ଲା ବନ୍ଦ ଡାକରା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାରେ ଦୀର୍ଘଦିନ ଧରି ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲୁ ରହିଛି । ରାଜ୍ୟର ୧୭ଟି ଜିଲ୍ଲାରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଘୋଷଣା ଏବଂ କାର୍ଯ୍ୟକାରୀ ହୋଇଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ସେଥିରୁ ବାଦ୍ ପଡିଛି । ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଲୋକସଭା ସାଂସଦ ଏବଂ ମହାକାଳପଡା ବିଧାୟକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ ଜମ୍ବୁ ମହୋତ୍ସବ ଅବସରରେ ମନ୍ତ୍ରୀମାନେ କେନ୍ଦ୍ରାପଡାରେ ମେଡିକାଲ୍ କଲେଜ ହେବ ବୋଲି ଘୋଷଣା କରିଥିଲେ । ବିଧିବଦ୍ଧ ଭାବେ ସେଥିପାଇଁ ନିଷ୍ପତ୍ତି ନିଆଯାଇନାହିଁ । ଏହି ପରିପ୍ରେକ୍ଷୀରେ ଆସନ୍ତା ଜୁଲାଇ ୨୩ ତାରିଖ ଦିନ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି । ପ୍ରେସ୍ କ୍ଲବ ଠାରେ କମିଟିର ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସଂପାଦକ ରମଣୀ ରଞ୍ଜନ ରାଉତରାୟ, କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ଫକୀର ଚରଣ ଖଟୁଆ, ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ସୂର୍ଯ୍ୟକାନ୍ତ ପରିଡା, ଡଃ. ଉପେନ୍ଦ୍ରନାଥ ପ୍ରଧାନ, ସୁହାନା ବେଗମ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ୨୩ ତାରିଖ ବନ୍ଦ ଡାକରାକୁ ସଫଳ କରିବା ପାଇଁ ମତାମତ ରଖିଥିଲେ । ଆସନ୍ତା ୧୩ ତାରିଖ ଦିନ ସମସ୍ତ ବ୍ଲକ ଏବଂ ମ୍ୟୁନିସିପାଲିଟିର ପ୍ରତିନିଧିମାନଙ୍କୁ ନେଇ ଏକ ସମ୍ମିଳନୀ କେନ୍ଦ୍ରାପଡାରେ ଅନୁଷ୍ଠିତ ହେବ । ଯଦି ଏହା ସତ୍ତ୍ୱେ ସରକାର ମେଡିକାଲ୍ କଲେଜ୍ ଘୋଷଣା ସଂପର୍କରେ ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ ନକରନ୍ତି ତେବେ ଜିଲ୍ଲାରେ ଅର୍ଥନୈତିକ ଅବରୋଧ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ଜାରକାରେ ଟ୍ରାଫିକ୍ ସମସ୍ୟା ଉତ୍କଟ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକା ସହରାଞ୍ଚଳରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବଢିବାରେ ଲାଗିଛି । ଏଥିପାଇଁ ପୋଲିସ କିମ୍ବା ପ୍ରଶାସନର ନଜରନାହିଁ । ଓଭର୍ ବ୍ରିଜ୍ ଠାରୁ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ରାସ୍ତା ସଦାବେଳେ ଗହଳି ରହୁଛି । ସେଥିପାଇଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଦେଖାଯାଉଛି । ମେନ୍ ମାର୍କେଟ୍ ଓ ବଡ଼ବଜାର ବ୍ୟବସାୟୀଙ୍କ ପାଇଁ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ବସିଲାଣି । ରାସ୍ତା ଉପରେ ଦୋକାନ ସାମଗ୍ରୀ ରଖିବା ଓ ନିଜ ବାଇକ୍ ପାର୍କିଂ କରି ରାସ୍ତାକୁ ମାଡିବସିଛନ୍ତି । ଶାନ୍ତିବଜାର ଠାରୁ ଗୋପବନ୍ଧୁଛକ ପର୍ଯ୍ୟନ୍ତ ରାସ୍ତା ଡବଲ୍ ୱେ ହୋଇଛି । ଗୋପବନ୍ଧୁ ଛକ ଠାରୁ ଓଭରବ୍ରିଜ୍ ରାସ୍ତାକୁ ଡବଲ୍ ୱେ କରାଯାଉ । ପୂର୍ବରୁ ପ୍ରତି ଛକରେ ହୋମ୍‌ଗାର୍ଡ ଉପସ୍ଥିତ ରହି ଟ୍ରାଫିକ୍ କଣ୍ଟ୍ରୋଲ୍‌ରେ ସାହାଯ୍ୟ କରୁଥିଲେ । ଏବେ ସେସବୁ ସମ୍ପୂର୍ଣ୍ଣବନ୍ଦ ରହିଛି । ଜାରକା ଏନ୍ଏସି କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ପୋଲିସ ଟ୍ରାଫିକ୍ ସମସ୍ୟା ବୁଝିବା ପାଇଁ ଦାବି ହେଉଛି ।

## ।।।। ସୋନପୁରରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରାରେ ବିଭ୍ରାଟ ।।।।

# ଚତୁର୍ଦ୍ଧା ମୂର୍ତ୍ତିଙ୍କ ପହଣ୍ଡି ନୀତି ଅଢ଼େଇ ଘଣ୍ଟା ବିଳମ୍ବ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହରର ବଡ଼ବଜାର ଗୁଣ୍ଡିଚା ମନ୍ଦିର ଠାରେ ବାହୁଡ଼ା ଯାତ୍ରାରେ ବ୍ୟାପକ ବିଭ୍ରାଟ ଦେଖାଯାଇଛି । ସନ୍ଧ୍ୟା ୮.୩୦ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପହଣ୍ଡି ବିଜେ ନୀତିକାନ୍ତି ହୋଇନଥିବା ବେଳେ ଶ୍ରଦ୍ଧାଳୁ ଦର୍ଶନ ନପାଇ ନିରାଶ ହୋଇ ଫେରିଥିଲେ । ବାହୁଡ଼ା ଯାତ୍ରା ପାଇଁ ସନ୍ଧ୍ୟା ୫ଟା ବେଳୁ ଶ୍ରଦ୍ଧାଳୁମାନେ ଦୂର ଦୁରାନ୍ତରୁ ଆସି ପ୍ରବଳ ଭିଡ ଜମେଇଥିଲେ କିନ୍ତୁ ୮.୩୦ ପର୍ଯ୍ୟନ୍ତ ପହଣ୍ଡି ଦର୍ଶନ ନପାଇ ନିରାଶ ହୋଇ ଫେରିଛନ୍ତି । ଯେତେ ଯାହା ସମସ୍ୟା ଉପୁଜିଲେ ବି ପ୍ରଶାସନ ତଥା ଦେବୋତ୍ତର ଅଧିକାରୀ ମାନେ ଏଠି କେବେ କେହି ତତ୍ପର ହେଉନାହାନ୍ତି । ସତେ ଯେମିତି ସେଇ କାଳିଆ ହିଁ ସାହା ଭରସା ଏ ନେଇ ସନ୍ଧ୍ୟାରେ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା । ନବମୀ ସନ୍ଧ୍ୟାରେ ମହାପ୍ରଭୁଙ୍କ ଛପନ ଭୋଗ ଲାଗି ପାଇଁ ବ୍ରାହ୍ମଣ ସମାଜକୁ ଦାୟିତ୍ୱ ସହ କିଛି ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ କିନ୍ତୁ ଚଳିତ ବର୍ଷ ନା ପଇସା ନା ବ୍ରାହ୍ମଣ ସମାଜକୁ ପଚରା ଉଚୁରା କରାଯାଇଥିଲା । ଏହା ସିଧା ସଳଖ ପ୍ରଭୁଙ୍କୁ ଅବମାନନା ସହ ବ୍ରାହ୍ମଣଙ୍କୁ ଅସମ୍ମାନ ପ୍ରଦର୍ଶନ ହୋଇଛି ବୋଲି ବ୍ରାହ୍ମଣ ସମାଜ କ୍ଷୋଭ ପ୍ରକାଶ କରିବା ସହ ଦେବୋତ୍ତର ଅଧିକାରୀ ଉତ୍ତର ଦାୟୀ ବୋଲି କହିଥିଲେ । ତେଣୁ ସେ ଆସି ଏଠି ଉତ୍ତର ରଖନ୍ତୁ ବୋଲି ଅଡି ବସିଥିଲେ ପଣ୍ଡା ପଢିହାରି ଓ ସମାଜ ପରେ ଦେବୋତ୍ତର ଅଧିକାରୀ । ଉପ ଜିଲ୍ଲାପାଳ ଏ ସମସ୍ୟାର ସମ୍ମୁଖୀନ ପାଇଁ ସାହସ ନକରି ବରିଷ୍ଠ ପ୍ରଶାସନିକ ଅଧିକାରୀ, ଅତିରିକ୍ତ ତହସିଲଦାର ଏବଂ ପୋଲିସ ବିଭାଗର ଅଧିକାରୀଙ୍କୁ ପଠାଇଥିଲେ । ସେମାନେ ଆସି ମହାପ୍ରଭୁଙ୍କ ଠାରେ କ୍ଷମା ପ୍ରାର୍ଥନା କଲାପରେ ୮.୩୦ଟା ପରେ ପହଣ୍ଡି ବିଜେ ନୀତି ଆରମ୍ଭ ହୋଇଥିବା ଓ ଭକ୍ତଙ୍କ ଉତ୍କଣ୍ଠା ଦେଖାଦେଇଥିଲା । ପହଣ୍ଡି ବିଳମ୍ବ ଯୋଗୁଁ ଦଶମୀରେ ରଥ ଛୁଆଁ ପରମ୍ପରାରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଯାହା ଫଳରେ ରଥ ଛୁଆଁ ପାଇଁ ଅଟକିଥିବା ବହୁତ ପରିବାର କୁନି କୁନି ଶିଶୁଙ୍କ ସହ ନିରାଶ ମନରେ ଘରକୁ ଫେରିଲେ ଭକ୍ତ ।

# ଗେଙ୍ଗୁଟି ନଦୀରେ ବୁଡ଼ି ଛାତ୍ରର ମୃତ୍ୟୁ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ବିରୁହା ଗ୍ରାମର ସଂଜିତି କୁମାର ପଣ୍ଡାଙ୍କ ପୁଅ ଶୁଭମ୍ ପଣ୍ଡା (୧୮) ରବିବାର ଦିନ ୪ଟା ବେଳେ ଗେଙ୍ଗୁଟି ନଦୀରେ ବୁଡି ଯାଇ ମୃତ୍ୟୁବରଣ କରିଛନ୍ତି । ସୂଚନା ଥାଉକି ରବିବାର ଦିନ ୪ଟା ବେଳେ ଶୁଭମ୍ ନିକଟସ୍ଥ ଗେଙ୍ଗୁଟି ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଗୋଡ଼ ଖସି ଯାଇଥିଲା । ଭରାନଦୀରେ ଭାସିଯାଇ ଥିଲେ । ସ୍ଥାନୀୟ ଲୋକମାନେ ଶୁଭମ୍‌କୁ ବହୁ କଷ୍ଟରେ ଉଦ୍ଧାର କରି ଧାମନଗର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଶୁଭମ୍ ଜଣେ ଭଲ ଛାତ୍ର ଓ ମେଳାପି ଥିବାରୁ ତାର ଏହି ଅକାଳ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ରାଜଧାନୀରେ ନକଲି ବିଏମ୍‌ସି ସ୍କ୍ୱାର୍ଡ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ବୁଲୁଛନ୍ତି ମାଳ ମାଳ ନକଲି ବିଏମସି ସ୍କ୍ୱାର୍ଡ । ବ୍ୟବସାୟୀଙ୍କୁ ବିଏମ୍‌ସି ଅନୁଦାନର ପ୍ରଲୋଭନ ଦେଖାଇ ନେଉଛନ୍ତି ଟଙ୍କା । ଉଠା ବ୍ୟବସାୟୀଙ୍କୁ ଏକ ଲକ୍ଷ ୮୨ ହଜାର ଟଙ୍କା ଦେବାକୁ କହି ନେଇଛନ୍ତି ୬୫୦ ଟଙ୍କା । ଖାରବେଳ ନଗର ଥାନାରେ ଅଭିଯୋଗ ଆଣିଛନ୍ତି ଉଠା ବ୍ୟବସାୟୀ । ପ୍ରଦୀପ୍ତ ସାବତ ନାମକ ବ୍ୟବସାୟୀ ଜଣଙ୍କୁ ବିଏମ୍‌ସି ପରିଚୟ ପତ୍ର ଦେଖାଇଥିଲେ । ଏହାପରେ ବିଶ୍ୱାସ ଦେବା ପରେ ବ୍ୟବସାୟୀ ଜଣଙ୍କ ଫସି ଯାଇଥିଲେ । ତେବେ ଏହି ଘଟଣା ଜଣାପଡିବା ପରେ ନିଖିଳ ଓଡ଼ିଶା ରସ୍ତାପାର୍ଶ୍ୱ ଉଠାଦୋକାନୀ ମହସଂଘ ପକ୍ଷରୁ ଖାରବେଳ ନଗର ଥାନାରେ ବ୍ୟବସାୟୀ ମାନଙ୍କୁ ଧରି ଅଭିଯୋଗ ପତ୍ର ଦେଇଛନ୍ତି ପ୍ରଦୀପ୍ତ ।

## ବିଶିଷ୍ଟ ସାହିତ୍ୟିକ ତଥା ପ୍ରଶାସକ ବିନୋଦ ବିହାରୀ ପଲାଇଙ୍କ ପରଲୋକ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ ସାହିତ୍ୟିକ, ଗୋଦାବରୀଶ ସାହିତ୍ୟ ସଂସଦର ପୂର୍ବତନ ସଭାପତି ଏବଂ ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ବିନୋଦ ବିହାରି ପଲାଇଙ୍କର ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ଓଡ଼ିଆ ସାହିତ୍ୟରେ ବିଶେଷ ପ୍ରାଜ୍ଞ ଓ ଶାସ୍ତ୍ରଦର୍ଶୀ ଥିଲେ । ତାଙ୍କ ବିୟୋଗରେ ସାହିତ୍ୟିକ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ଖବର ଜାଣି କବି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ପ୍ରଦୀପ କୁମାର ମହାପାତ୍ର, ଶିପ୍ରା ନାୟକ, ସନ୍ତୋଷ କୁମାର ବଳ ଓ ଶ୍ରୀପତି ବଳ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତୁରା ମଧୁସୂଦନ ପଲାଇ, ଧନେଶ୍ୱର ପଲାଇ, ପୁତ୍ରବଧୂ, ନାତି ଡା. ତପନ କୁମାର ପଲାଇ, ରତ୍ନାକର ପଲାଇ ଓ ନାତୁଣୀ ବୋହୂ ପ୍ରମୁଖ ଉପସ୍ଥିତ ଥିଲେ ।



# ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରିବା ପାଇଁ ଜିଲ୍ଲା କଂଗ୍ରେସର ନିଷ୍ପତ୍ତି

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଆଗାମି ଜୁଲାଇ ୧୧ ତାରିଖ ଦିନ ଜାତୀୟ କଂଗ୍ରେସ ଦଳର ସଭାପତି ମାଲିକାର୍ଜୁନ ଖଡ଼ଗେ ଓ ଲୋକସଭା ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ମୟୁରଭଞ୍ଜ ଜିଲ୍ଲା (ପୂ) ସଂଯୋଜକ ଅରବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୟୁରଭଞ୍ଜ ପ୍ରଭାରୀ ତଥା ଓଡ଼ିଶା ରାଜ୍ୟ ପି.ସି.ସି ଉପସଭାପତି ଡା. ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ରାଜ୍ୟ ବାଣିଜ୍ୟ ବ୍ୟାପାର ବିଭାଗର ଅଧ୍ୟକ୍ଷ ଯୋଗେଶ କୁମାର ଆଗ୍ରୱାଲ, ପଶ୍ଚିମ ମୟୁରଭଞ୍ଜ କଂଗ୍ରେସ ସଂଯୋଜକ ଭୂବନ ବିହାରୀ ସାହୁ, ପୂର୍ବତନ ମୟୁରଭଞ୍ଜ ଜିଲ୍ଲା ସଭାପତି ହେମନ୍ତ ଦାସ ପ୍ରମୁଖ ଯୋଗଦେଇ ଆଗାମୀ ୧୧ ତାରିଖ କଂଗ୍ରେସ ସମାବେଶରେ ମୟୁରଭଞ୍ଜ ଜିଲ୍ଲାର ପୂର୍ବ ଓ ପଶ୍ଚିମ ସାଂଗଠନିକ ଜିଲ୍ଲାରୁ କିପରି ଅଧିକରୁ ଅଧିକ କଂଗ୍ରେସ କର୍ମୀ ଯୋଗଦେବେ ସେନେଇ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଆଦିବାସୀ ସେଲ ସଭାପତି ଚୈତନ୍ୟ ହାଁସଦା, ପୂର୍ବତନ ଆଇନ୍‌ସେଲ୍ ଅଧ୍ୟକ୍ଷ ଜ୍ୟୋତିପ୍ରକାଶ ରଥ, ପୂର୍ବତନ ଉପନଗରପାଳ ପ୍ରଦୀପ ମିଶ୍ର, ପୂର୍ବତନ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ବିଶ୍ୱାଳ, ପି.ସି.ସି ସଭ୍ୟ ନାରାୟଣ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସଭାନେତ୍ରୀ ସୁସ୍ମିତା ଘୋଷାଲ, ପୂର୍ବତନ ଟାଉନ୍ ସଭାପତି ବିଜୟ ସିଂ, ପୂର୍ବତନ ଛାତ୍ର ସଭାପତି ମୋତିପ୍ରକାଶ ଦାଶ, ରାଜ୍ୟ ରାଜୀବ ଗାନ୍ଧି ପଞ୍ଚାୟତ ରାଜ୍ୟ ସମ୍ପାଦକ ମିନକେତନ ବେହେରା, ସୁନନ୍ଦା ସାହୁ, ଜିଲ୍ଲା ପଞ୍ଚାୟତ ପରିଷଦ ସଭାପତି ଶିବାନନ୍ଦ ଦାଶ, କିଶାନସେଲ ସଭାପତି ଦୀପକ ଦାସ, ବିରେଲ ଶୀର୍କା, ଦୀପକ ଦାସ ଓ ସମସ୍ତ ବ୍ଲକ ସଭାପତି ମାନେ ଉପସ୍ଥିତ ଥିଲେ ।

# ବଲାଣି ଖଣି ଓ ଟାଉନସିପ୍ ମୁଖ୍ୟ ରାସ୍ତା କାଦୁଅରେ ପରିପୂର୍ଣ୍ଣ

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**



ରାଷ୍ଟ୍ରାୟତ ଉଦ୍ୟୋଗ ତଥା ମହାରତ୍ନ କମ୍ପାନୀ ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ) ଅଧିନସ୍ଥ ବଲାଣି ଖଣି ଟାଉନସିପକୁ ଖଣି ଓ ବାହ୍ୟ ଜଗତ ସହିତ ସଂଯୋଗ କରୁଥିବା ଏକମାତ୍ର ମୁଖ୍ୟ ସଡ଼କର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ବଲାଣି ଖଣି ପେଟ୍ରୋଲ ପମ୍ପ ଠାରୁ ଖଣି ମୁଖ୍ୟ ଫାଟକ ଓ ସେଠାରୁ ଡବ୍ଲ୍ୟୁ ହଟିଂ ଛକ ପର୍ଯ୍ୟନ୍ତ ରାସ୍ତା କାଦୁଅରେ ପରିପୂର୍ଣ୍ଣ ହୋଇପଡିଥିବା ବେଳେ ଏହି ରାସ୍ତାର ବଲାଣି ଥାନା ନିକଟରେ ଥିବା ଏକ କଲ୍‌ଭର୍ଟ ବିପଦଶଙ୍କୁଳ ଅବସ୍ଥାରେ ରହିଛି । ଉକ୍ତ ମୁଖ୍ୟ କାଦୁଅ ପରିପୂର୍ଣ୍ଣ ରାସ୍ତାରେ ସାଧାରଣ ଜନତା ଯାତାୟାତ କରିବାକୁ ବାଧ୍ୟ ହେଉଥିବା ବେଳେ ପ୍ରତ୍ୟେହ ଦୁର୍ଘଟଣାର ଶିକାର ହେଉଥିବା ନେଇ ଅଭିଯୋଗ ହେଉଛି । ବିଶେଷ କରି ଦୁଇ ଚକିଆ ବାହନରେ ଯାତାୟାତ କଲା ବେଳେ କାଦୁଅରେ ଖସି ଲୋକେ ଆହତ ହେଉଥିବା ନେଇ ଅଭିଯୋଗ ହେଉଛି । ଏହା ବ୍ୟତୀତ ଉକ୍ତ ମୁଖ୍ୟ ରାସ୍ତାରେ ଥିବା ଏକ କଲ୍‌ଭର୍ଟ ଧସିଯିବା ଫଳରେ ଗୋଟିଏ ପାର୍ଶ୍ୱରୁ ପାରାପିଟ୍ ୱାଲ୍ ଛାଡି ଯାଇଥିବାରୁ ଏହା ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଯେ କୌଣସି ସମୟରେ ଏହା ସମ୍ପୂର୍ଣ୍ଣ ଭୁଶୁଡି ପଡିବାର ଆଶଙ୍କା ସୃଷ୍ଟି ହୋଇଛି । ପ୍ରକାଶଯୋଗ୍ୟ ଯେ, ଏହି ରାସ୍ତା ଦେଇ ପ୍ରତିଦିନ ଖଣିର ଅନେକ ଭାରୀ ବାହନ, ଯାତ୍ରୀବାହୀ ବସ୍ ଓ ହାଲୁକା ଯାନ ଚଳାଚଳ କରିଥାଏ । ଯଦି ଏହି କଲ୍‌ଭର୍ଟ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡେ ତେବେ ଏକ ବଡ଼ ଦୁର୍ଘଟଣାର କାରଣ ହେବା ସହିତ ସମ୍ପୂର୍ଣ୍ଣ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସୁନିଶ୍ଚିତ । ଏହା ବ୍ୟତୀତ ଲଗାଣ ବର୍ଷା ଯୋଗୁଁ ଏହି କଲ୍‌ଭର୍ଟ ତଳୁ ହଜାର ହଜାର ଲିଟର ଜଳ ପ୍ରବାହିତ ହେଉଥିବା ଯୋଗୁଁ ଏହି କଲଭର୍ଟଟି ଅଧିକ ଦୁର୍ବଳ ହେଉଥିବା ନେଇ ମତପ୍ରକାଶ ପାଉଛି । କଲ୍‌ଭର୍ଟ ସମ୍ବନ୍ଧରେ ବଲାଣି ଖଣି ସିଭିଲ୍ ବିଭାଗର ସହ ମହାପ୍ରବନ୍ଧକ ସଞ୍ଜୀବ କୁମାର କହିଛନ୍ତି ଯେ, କିଛି ଦିନ ତଳେ ଖଣିର ୱାସିଂ ପ୍ଲାଣ୍ଟର ପାଇପ୍ ଲାଇନ୍ ମରାମତି କାମ ହେବା ସମୟରେ ସମ୍ଭବତଃ କଲ୍‌ଭର୍ଟ ମୂଳଦୁଆ ଦୁର୍ବଳ ହୋଇଥାଇପାରେ । ଏହା ବ୍ୟତୀତ ଲଗାଣ ବର୍ଷା ଯୋଗୁଁ ଏପରି ସ୍ଥିତି ସୃଷ୍ଟି ହୋଇଛି । ବର୍ଷା କମିଲେ ବିଭାଗ ତରଫରୁ ତୁରନ୍ତ ମରାମତି କାମ ଆରମ୍ଭ କରାଯିବ । ତେବେ ମୁଖ୍ୟ ସଡ଼କର ଶୋଚନୀୟ ସ୍ଥିତି ସମ୍ବନ୍ଧରେ ସ୍ଥାନୀୟ ଜନସାଧାରଣ ନାହିଁନଥିବା ଅସୁବିଧା ଭୋଗ କରୁଥିବା ବେଳେ କାଦୁଅ ରାସ୍ତାକୁ ନିର୍ମାଣ କରିବା ସହିତ ବିପଦସଙ୍କୁଳ କଲଭର୍ଟକୁ ସମ୍ପୂର୍ଣ୍ଣ ଭୁଶୁଡିବା ପୂର୍ବରୁ ନିର୍ମାଣ କରିବାକୁ ବଲାଣି ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୮।୭।୨୦୨୫, ଆଷାଢ଼ ଦି୨୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୧୩।୪୫** **ଚନ୍ଦ୍ରୋଦୟ- ଦିଘ ୪।୩୩।୦୮**

**ତ୍ରୟୋଦଶୀ-** ରାଘ ୧୨।୩୯ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ରାଘ ୩।୧୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୩।୧୪ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୩।୧୪ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୨।୩୯ ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୮ ଗତେ ଘ ୬।୫୬ ମଧ୍ୟେ । ଦିଘ ୪।୪୭ ଗତେ ଘ ୫।୩୩ ମଧ୍ୟେ । **ପର୍ବୋତ୍ସବ-** ନୀଳାଦ୍ରି ବିଜେ ମହୋତ୍ସବ, ରସଗୋଲା ଦିବସ ।



**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚକତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ ହେବ । ପରିବାରରୁ ସମର୍ଥନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।



**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।



**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବହୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କ ସମାଲୋଚନାର ଶିକାର ହେବେ । ତଥାପି କାର୍ଯ୍ୟ ପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ପରେ ପ୍ରତିରୋଧର ସମ୍ମୁଖୀନ ହେବେ ।



**ମକର:** ବହୁ ପରିମାଣର ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।



**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

# ବସ୍ ଦୁର୍ଘଟଣାରେ ୨୦ ଯାତ୍ରୀ ଆହତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

୧୬ନଂ ଜାତୀୟ ରାଜପଥର କୁଆଖିଆ ଥାନା ମୂଳାପାଳ ଛକ ନିକଟରେ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି । କୁଆଖିଆ ପୋଲିସ ପହଞ୍ଚି ଆହତ ଯାତ୍ରୀଙ୍କୁ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଧର୍ମଶାଳା ଓ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ । ୮ଜଣ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । କଟକରୁ ବରୀ ଯାଉଥିବା ସ୍ୱସ୍ତିରଥ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା । ଖବରପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ, କଂଗ୍ରେସ ନେତା କିଶାନପଣ୍ଡା ଡାକ୍ତରଖାନାରେ ଆହତଙ୍କୁ ଭେଟିଥିଲେ । ଯାଜପୁର ଏସ୍‌ଡି ପିଓ ଲକ୍ଷ୍ମୀଧର ସେଠୀ, କୁଆଖିଆ ଥାନା ଅଧିକାରୀ ଚିନ୍ମୟୀସାହୁ, ଧର୍ମଶାଳା ଥାନା ଅଧିକାରୀ ରଞ୍ଜନକୁମାର ମାଝି ଘଟଣାସ୍ଥଳରେ ପହଞ୍ଚିଥିଲେ । ପରେ ଡାକ୍ତରଖାନାରେ ପହଞ୍ଚି ଆହତଙ୍କ ଅବସ୍ଥା ବୁଝିଥିଲେ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୯।୭।୨୦୨୫, ଆଷାଢ଼ ଦି୨୫ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୧୪।୦୬** **ଚନ୍ଦ୍ରୋଦୟ- ସଂଘ ୫।୨୮।୨୨**

**ଚତୁର୍ଦ୍ଦଶୀ-** ରାଘ ୧।୩୭ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର-** ନିଘ ୪।୫୦ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୧।୩୭ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୬ ଗତେ ଘ ୮।୩୪ ମଧ୍ୟେ । ଦିଘ ୨।୦୩ ଗତେ ଘ ୫।୩୩ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀ ଶିବଶୟନୋତ୍ସବ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ।

ପ୍ରସଙ୍ଗତଃ
31 YEARS
ସମ୍ବାଦ କଳିକା

# ବିଶ୍ୱକୁ ପ୍ରଭାବିତ କରିବ ତୈଳ ଓ ଇନ୍ଧନଜାତୀୟ ଦ୍ରବ୍ୟ

ଆମେରିକା ପକ୍ଷରୁ ତିନୋଟି ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ ପରେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବନ୍ଦ କରିଛି ଇରାନ। ଏନେଇ ଇରାନ ସଂସଦରେ ଏହାକୁ ମଞ୍ଜୁରୀ ମିଳିଛି। ଏହି କରିଡର ସାରା ଦୁନିଆକୁ ତେଲ ଓ ଗ୍ୟାସ୍ ସପ୍ଲାଏକୁ ପ୍ରଭାବିତ କରିବ। ଏଭଳି ସ୍ଥିତିରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍‌ର ଅଭାବ ହୋଇପାରେ କିମ୍ବା ବଢିପାରେ। ଏହା ବନ୍ଦ ହେବା ଫଳରେ ଭାରତ ସହ ଚୀନ୍ ଭଳି ପଡୋଶୀ ଦେଶକୁ ଲାଗିବ ବଡ଼ ଝଟକା। କାରଣ ଚୀନ୍ ସବୁଠାରୁ ଅଧିକ ତେଲ ଇରାନଠାରୁ କ୍ରୟ କରିଥାଏ। ଇରାନ ନିଜ ଆବଶ୍ୟକତାର ୪୭ ପ୍ରତିଶତ ଅଂଶ ମଧ୍ୟ ପୂର୍ବ ଦେଶରୁ କିଣିଥାଏ। ଏହି ତେଲର ସପ୍ଲାଇ ହର୍ମୁଜ୍ ଷ୍ଟ୍ରେଟ୍ ବାଟ ଦେଇ ଆସିଥାଏ। କେବଳ ସେତିକି ନୁହେଁ ଭାରତ ପାଇଁ ଏହା ମଧ୍ୟ ଚିନ୍ତାର ସ୍ଥିତି ହେବ। କାରଣ ଆମର ଆବଶ୍ୟକୀୟ ୪୦% ତୈଳ ଏହି ରାସ୍ତା ଦେଇ ଭାରତ ଆସିଥାଏ। ଏହାଛଡା ଇରାନରୁ ୨୦% ତୈଳ ମଧ୍ୟ ଭାରତ କ୍ରୟ କରିଥାଏ। ବର୍ତ୍ତମାନ ଭାରତ ସରକାର ରୁଷ ନିକଟରୁ ତୈଳ କ୍ରୟ କରିବା ବଢାଇ ଦେଇଛନ୍ତି। କିନ୍ତୁ ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହବା ଫଳରୁ ଏହାର ଦାମ୍ ଉପରେ ପ୍ରଭାବ ପଡିବ। ଏଭଳି ସ୍ଥିତିର ଲାଭ ରୁଷ ମଧ୍ୟ ଉଠାଇବାକୁ ଚାହିଁବ। ଭାରତ ପ୍ରତିଦିନ ପ୍ରାୟ ୫୦.୫ ଲକ୍ଷ ବ୍ୟାରେଲ ତୈଳ ଆମଦାନୀ କରିଥାଏ। ଏଥିରେ ୨୦ ଲକ୍ଷ ବ୍ୟାରେଲ ଅଶୋଧିକ ତୈଳ ପ୍ରତିଦିନ ଏହି ଜଳମାର୍ଗ ଦେଇ ଆସିଥାଏ। ଭାରତ ନିଜର ଆବଶ୍ୟକୀୟ ୯୦% ତୈଳ ଆମଦାନୀ କରିଥାଏ। ଏଭଳିସ ସ୍ଥିତି ମଧ୍ୟ ଚୀନ୍‌ର ରହିଛି। ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହେବା ଫଳରେ ଭାରତ ଓ ଚୀନ୍ ଭଳି ଦେଶକୁ ଅଧିକ କ୍ଷତି ସହିବାକୁ ହେବ। ଆମେରିକା ଓ ପାଶ୍ଚାତ୍ୟ ଦେଶକୁ ଉଚିତ ଜବାବ ଦେବା ପାଇଁ ଇରାନ ଏହି ରାସ୍ତାକୁ ବନ୍ଦ କରିଥିଲେ ବି ତାଙ୍କ ଉପରେ ଏହାର କୌଣସି ପ୍ରଭାବ ପଡିବନି କିମ୍ବା କ୍ଷତି ହେବନି। କାରଣ ଆମେରିକା ତୈଳ ମାମଲାରେ ଆତ୍ମନିର୍ଭର ହୋଇସାରିଛି। ତେବେ ପୂର୍ବରୁ ଏଭଳି ଏକ ସମୟ ଥିଲା ର୍ମୁଜ୍ ଷ୍ଟ୍ରେଟ୍ ବନ୍ଦ ହେଲେ ଆମେରିକା ଓ ୟୁରୋପୀୟ ଦେଶ ଆଶଙ୍କିତ ଥିଲେ। ଆଜିର ସମୟରେ ଚୀନ୍ ଓ ଭାରତ ଭଳି ଦେଶ ଉପରେ ଏହାର ଅଧିକ ପ୍ରଭାବ ପଡିବ। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୨ ପ୍ରତିଶତ ବଢିଛି । ବିଶ୍ୱର ପଞ୍ଚମ କ୍ରୁଡ ଅଏଲ ତଥା ଇରାନ ଷ୍ଟ୍ରେଟ ଅଫ ହାର୍ମୁଜ ବନ୍ଦ କରିବାକୁ ଅଶୋଧିତ ତେଲ ଦର ବଢିଛି । ଇରାନ ହେଉଛି ବିଶ୍ୱର ନବମ ତେଲ ଉତ୍ପାଦନକାରୀ ସଂସ୍ଥା । ଏବଂ ଦିନକୁ ପ୍ରାୟ ୩ ଦଶମିକ ୩ ମିଲିୟନ ବ୍ୟାରେଲ କ୍ରୁଡ ଅଏଲ ଉତ୍ପାଦନ କରିଥାଏ । ଯୁଦ୍ଧ ଯୋଗୁ ଏବେ ତେଲ ବଜାରରେ ପ୍ରଭାବ ପଡ଼ିଛି । ଆଗାମୀ ଦିନରେ ପେଟ୍ରୋଲ ଓ ଡିଲେଜ ଦର ବଢିବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ଭାରତରେ ତୈଳ ଦର ଉପରେ ବିଶେଷ ପ୍ରଭାବ ପଡିବନି ବୋଲି କହିଛନ୍ତି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ। ଦେଶରେ ଯଥେଷ୍ଟ ଷ୍ଟକ ମହଜୁଦ ରହିଛି। ଭାରତ ଆମଦାନୀ କରୁଥିବା ୫.୫ ମିଲିୟନ ବ୍ୟାରେଲରୁ କେବଳ ଦେଢରୁ ୨ ମିଲିୟନ ହର୍ମୁଜ ବାଟ ଦେଇ ଆସିଥାଏ ବୋଲି ମନ୍ତ୍ରୀ କହିଛନ୍ତି।

# ସୁନାବେଶ, ଅଧରପଣା, ନୀଳାଦ୍ରୀବିଜେ ଓ ଲକ୍ଷ୍ମୀନାରାୟଣ କଳି



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ସୁନା ବେଶ ଅନ୍ୟତମ, ଯାହାକି ଅତ୍ୟନ୍ତ ଉପଭୋଗ୍ୟ ଓ ଆକର୍ଷଣୀୟ । ମହାପ୍ରଭୁଙ୍କ ସକଳ ବେଶରେ ମାଧୁର୍ଯ୍ୟ ଲାବଣ୍ୟ ପ୍ରକଟିତ ହେଉଥିବା ସ୍ଥଳେ, କେବଳ ସୁନା ବେଶରେ ଐଶ୍ୱର୍ଯ୍ୟ ପ୍ରାବଲ୍ୟ ପରିସ୍ଫୁଟ ହୋଇଥାଏ। ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନ ଉପରେ ଶ୍ରୀବିଗ୍ରହମାନେ ବିଭିନ୍ନ ତିଥିରେ ଯଥା : କାର୍ତ୍ତିକ ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, ଦଶହରା ପ୍ରଭୃତି ଦିବସମାନଙ୍କରେ ରାଜବେଶ, ରାଜା ରାଜେଶ୍ୱର ଇତ୍ୟାଦି ସୁନାବେଶରେ ସଜ୍ଜିତ ହେଉଥିଲେ ହେଁ ଶ୍ରୀଗୁଣ୍ଡିଚା ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ଅର୍ଥାତ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାରଠାରେ ଦଣ୍ଡାୟମାନ ଥିବା ତ୍ରିରଥ ଉପରେ ଆକର୍ଷଣୀୟ ସୁନାବେଶ ହୋଇ ଲକ୍ଷ ଲକ୍ଷ ଭକ୍ତଙ୍କ ସମ୍ମୁଖରେ ଦର୍ଶନ ଦେଇଥାନ୍ତି । ଏହି ସୁନାବେଶ ପ୍ରଚଳନର ଇତିହାସ ସମ୍ପର୍କରେ ଜଣାଯାଏ ଯେ, ଓଡ଼ିଆ ଜାତିର ପରମାରାଧ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା ରୂପେ ସ୍ୱୀକାର କରି ଏ ରାଜ୍ୟର ରାଜା ମହାରାଜାମାନେ ସ୍ୱୟଂ ରାଉତ ବା ଆଦେଶ ବାହକ ରୂପେ ମହାପ୍ରଭୁଙ୍କ ସେବା ନିର୍ବାହ କରିଥିବା ପ୍ରମାଣ ଶିଳାଲେଖରୁ ମିଳୁଅଛି। ତୃତୀୟ ଅନଙ୍ଗଭୀମ ଦେବ (୧୨୧୧-୧୨୩୮) ଜଗନ୍ନାଥଙ୍କୁ ଉତ୍କଳର ପ୍ରକୃତ ରାଜା ଓ ନିଜକୁ ତାଙ୍କର ଜନୈକ ଅକିଞ୍ଚନ ସେବକ ଭାବେ ସର୍ବପ୍ରଥମେ ଘୋଷଣା କରିଥିଲେ। ପରେ ତାଙ୍କ ପୁତ୍ର ଭାବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୧୨୬୬) ମଧ୍ୟ ନିଜକୁ ପୁରୁଷୋତ୍ତମ ପୁତ୍ର ଭାବେ ଅଭିହିତ କରିଥିଲେ। ଭାନୁଦେବ ତୃତୀୟ (୧୩୦୮-୧୩୨୮) ଜଗନ୍ନାଥଙ୍କୁ ରାଜାଧିରାଜ ରୂପେ ସ୍ୱୀକାର କରି ମହାପ୍ରଭୁଙ୍କ ନାମରେ ଅଙ୍କ ଗଣନା ଆରମ୍ଭ କରିଥିଲେ। ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ର ଦେବ (୧୪୩୫-୧୪୬୬) ଜଗନ୍ନାଥଙ୍କୁ ଜାତୀୟ ଦେବତା ରୂପେ ପ୍ରଚାରିତ କରି ନିଜକୁ ତାଙ୍କର ସେବକ ଭାବେ ସ୍ୱୀକାର କରିଥିଲେ । ଏପରିକି ଅନଙ୍ଗଭୀନ ଦେବ ଓ ପୁରୁଷୋତ୍ତମ ଦେବ ଜଗନ୍ନାଥଙ୍କୁ ଓଡ଼ିଶାର ରାଜା ରୂପେ ମାନ୍ୟତା ପ୍ରଦାନ ପୂର୍ବକ ଉଭୟ ଦୁଇବର୍ଷ ଧରି ଅଭିଷେକ ହୋଇନଥିଲେ । କେତେକ ଗବେଷକଙ୍କ ମତରେ ରଥ ଉପରେ ଠାକୁରମାନଙ୍କ ଏହି ବେଶର ନାମ ବଡ଼ ତଡ଼ାଉ ବେଶ । ବଡ଼ତଡାଉ ବେଶ ମତରେ କପିଳେନ୍ଦ୍ର ଦେବ ୧୪୬୦ରେ ଦକ୍ଷିଣ ବିଜୟରୁ ଫେରିବା ବେଳେ ୧୬ଟି ହାତୀ ପିଠିରେ ବୋଝେଇ ସୁନାଅଳଙ୍କାର ଆଣିଥିଲେ ସ ଏହାକୁ ମହାପ୍ରଭୁଙ୍କୁ ସମର୍ପଣ କରିଥିବା ନେଇ ଜୟବିଜୟ ଦ୍ୱାରସ୍ଥିତ ଶିଳାଲେଖରେ ସୂଚନା ରହିଛି। ଅଳଙ୍କାର ସମ୍ପର୍କରେ ରାଜା ବଡ଼ତଡାଉଙ୍କ ପରାମର୍ଶ ନେଇଥିଲେ। ରତ୍ନବେଦିରେ ମହାପ୍ରଭୁଙ୍କ ବିଭିନ୍ନ ବେଶକୁ ସବୁବର୍ଗରେ ଭକ୍ତ ଦର୍ଶନ କରି ପାରୁନାହାନ୍ତି ତେଣୁ ରଥ ଉପରେ ସବୁବର୍ଗର ଦର୍ଶନ ପାଇଁ ମହାପ୍ରଭୁଙ୍କ ସୁନାବେଶ କରେଇବାକୁ ବଡ଼ତଡାଉ ରାଜାଙ୍କୁ ବିନତି କରିଥିଲେ। ଦକ୍ଷିଣାଭିମୁଖୀ ଯାତ୍ରାରେ ତିନି ରଥ ସିଂହଦ୍ୱାରରେ ପହଞ୍ଚିବା ପରେ ବଡ଼ ଏକାଦଶୀ ଦିନ ରଥ ଉପରେ ସୁନାବେଶ କରିବାକୁ ରାଜା ଅନୁମତି ଦେଇଥିଲେ।

ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନା ବେଶ ଅନୁଷ୍ଠିତ ହୋଇଥାଏ। ଏହି ସୁନା ବେଶ ସାମଗ୍ରୀ ଭଣ୍ଡାର ଘରୁ ପାଳିଆ ମେକାପ, ଖୁଣ୍ଟିଆ ସେବକ, ମାଜିଷ୍ଟ୍ରେଟ, ପୋଲିସ, ମନ୍ଦିର ଅଧିକାରୀ ତଥା ଗାରଦ କର୍ମଚାରୀମାନଙ୍କ ସହାୟତାରେ ତିନି ରଥ ଉପରକୁ ଆସିଥାଏ। ପାଳିଆ ପୁଷ୍ପାଳକ, ଦଇତାପତି, ଖୁଣ୍ଟିଆ ମେକାପ, ତଳୁଛ, ଭିତରଛ ପ୍ରଭୃତି ସେବକମାନେ ଉପସ୍ଥିତ ରହି ଶ୍ରୀବିଗ୍ରହମାନଙ୍କ ସୁନାବେଶ କରିଥାନ୍ତି।

ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କର ସମସ୍ତ ଏକାଦଶୀ ନୀତି ଅନ୍ୟ ଏକଦଶୀ ନୀତି ପରି ଅନୁଷ୍ଠିତ ହୋଇଥାଏ। ଉକ୍ତଦିନ ବିଳମ୍ବିତ ରାତ୍ରରେ ସୁନାବେଶ ଓଲାଗି ହେବାପରେ ମଇଲମ, ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ହୋଇ ମହାସ୍ନାନ, ପୂଜା ଠା' ହେଲା ପରେ ଭଣ୍ଡାର ଘରୁ ସ୍ୱର୍ଣ୍ଣର ଶୟନ ଠାକୁର ତିନି ମୂର୍ତ୍ତିଙ୍କୁ ବିଜେ କରାଇଥାନ୍ତି। ତିନିଜଣ ପୂଜାପଣ୍ଡା ଏହି ଶୟନ ଠାକୁରଙ୍କୁ ତିନି ରଥ ଉପରକୁ ବିଜେ କରି ଯଥା ବଳଭଦ୍ର ରଥରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ରଥରେ ଭୁବନେଶ୍ୱରୀ ଏବଂ ଜଗନ୍ନାଥଙ୍କ ରଥରେ ଶ୍ରୀନାରାୟଣଙ୍କୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ଲାଗି କରାଇବା ପରେ ରଥ ଉପରେ ମହାସ୍ନାନ ନୀତି ବଢାଇଥାନ୍ତି। ଏହାପରେ ସର୍ବାଙ୍ଗ ଲାଗି, ନୂଆ ପଟନି ଲୁଗା ଲାଗି ଓ ମାଳଫୁଲ ଲାଗି ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ, ବଡ଼ସିଂହାର ସରିବା ପରେ ଅଧିକା ଭୋଗ ହେଲେ ଏହାକୁ ବଲ୍ଲଭ ବଡ଼ସିଂହାର ଭୋଗ କହନ୍ତି। ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଏହି ପୂଜା କରିଥାନ୍ତି। ଏହାପରେ କର୍ପୂର ଆଳତି ବଢି ତିନିଜଣ ପୂଜାପଣ୍ଡା ତିନି ରଥକୁ ବିଜେ ହୋଇଥିବା ଶୟନ ଠାକୁରଙ୍କୁ ହାତରେ ଧରି ମନ୍ଦିରର ଭଣ୍ଡାର ଦୁଆର ଠାରୁ ନେଇଥାନ୍ତି। ସେଠାରେ ପରମ୍ପରା ଅନୁଯାୟୀ ଶୟନ ନୀତି ଅନୁଷ୍ଠିତ ହୋଇଥାଏ। ଏହି ବିଶେଷ ନୀତିରେ ଭଣ୍ଡାର ମେକାପ , ପାଳିଅ ପଡିଆରି, ଚଳୁଛ ମହାପାତ୍ର, ପ୍ରଧାନୀ , ଘଣ୍ଟୁଆ , ଛତାର, ପୂଜପଣ୍ଡା, କାହାଳିଆ, କୋଠ ସୁଆଁସିଆ, ତାଟ ଦରଜି, ମୁଦିରସ୍ତ, ତଡ଼ାଉ କରଣ ପ୍ରମୁଖ ସେବକ ଅଂଶ ଗ୍ରହଣ କରିଥାନ୍ତି।

ବାହୁଡ଼ା ଯାତ୍ରା ପରେ ସିଂହଦ୍ୱାରଠାରେ ତିନି ରଥ ଉପରେ ସୁନାବେଶ ଓ ତତ୍ ପରଦିନ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅଧର ପଣା ଭୋଗ ହୋଇଥାଏ, ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟି ହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧର ପଣା କୁହାଯାଏ। ସ୍ୱତ୍ତ୍ୱଲିପି ଅନୁଯାୟୀ ବାହୁଡ଼ା ଦଶମୀ ଦିନ ରଥ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଅଧର ପଣା ଭୋଗ ହେବା କଥା । କିନ୍ତୁ ସମୟ ଅଭାବରୁ ଏହା ଏକାଦଶୀ ଦିନ ଅନୁଷ୍ଠିତ ହୋଇଥାଏ। ପ୍ରକୃତ ପକ୍ଷେ ଏହା ଏକାଦଶୀ ଦିନ ମଧ୍ୟ ହୋଇ ନ ପାରି ଦ୍ୱାଦଶୀ ତିଥିରେ ଏହି ଅଧର ପଣା ଭୋଗ କରାଯାଉଛି। ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର ଓଡ଼ିଆ ମଠରୁ ପ୍ରାପ୍ତ ସନନ୍ଦକୁ ଆଧାର କରି ଉଲ୍ଲେଖ କରିଛନ୍ତି ଯେ, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନି ହାଣ୍ଡି, ଏକାଦଶୀରେ ତିନି ହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଅଧର ପଣା ଓ ବଳଭଦ୍ରଙ୍କ ରଥରେ ରାମ , କୃଷ୍ଣଙ୍କ ଇଦେଶ୍ୟରେ ୨ ହାଣ୍ଡି (ସାନ) ଓ ଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ନିମିତ୍ତ ୧ ହାଣ୍ଡି (ସାନ) କ୍ରମରେ ମୋଟ ୧୨ଟି ହାଣ୍ଡି ଅଧର ପଣା ଭୋଗ ହେଉଥିଲା। ସମ୍ପ୍ରତି ତିନି ରଥ ପାଇଁ ଦ୍ୱାଦଶୀ ଦିନ ମୋଟ ୯ ହାଣ୍ଡି ଅଧର ପଣା ଭୋଗ ହେଉଅଛି। ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧର ପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ। ମନ୍ଦିର ପ୍ରଶାସନ , ରାଘବ ଦାସ ଓ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ଛାଚି, ସର, କଦଳୀ , ଛେନା, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ଇତ୍ୟାଦି ପଣା ଦ୍ରବ୍ୟ ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖିଥାନ୍ତି। ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁମାନଙ୍କର ଶ୍ରୀଅଧର ଉଚ୍ଚ ଥିବା ତୁମ୍ବ ଆକୃତି ଭଳି ମାଟିର ତିନୋଟି ହାଣ୍ଡି ରଖାଯାଏ । କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନଥାଏ। ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାମାନଙ୍କରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତଳ ହଣ୍ଡାମାନଙ୍କରେ ରଖିଥାନ୍ତି । ଉଲ୍ଲେଖଯୋଗ୍ୟ ଯେ, ପୂର୍ବେ ଅଧର ପଣା ପାଇଁ ଆବଶ୍ୟକ ଜଳ ରାଧାବଲ୍ଲଭ ମଠ କୂପରୁ ଆସୁଥିଲା । ପରବର୍ତ୍ତୀ ସମୟରେ ସିଂହଦ୍ୱାରା ସମ୍ମୁଖ କୂପରୁ ଏହି ଜଳ ଅଣାଯାଉଛି। ଜଳବୁହା ବେଳେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡେଇଥାନ୍ତି, ଯେପରିକି କେହି ଜଳକୁ ସ୍ପର୍ଶ କରିପାରିବେ ନାହିଁ । ଅଧରପଣା ଭୋଗ ପୂରରୁ ମହାସୁଆରମାନେ ଥାଇ ଭିତରଛ, ତଳୁଛ ଓ ସୁଭଦ୍ରାଙ୍କ ରଥରେ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା କରିକା (ଜାଲିକନା) ପକାଯାଏ। ଜଳ ଛଣା ଉଦ୍ଦେଶ୍ୟରେ ଏହା ପକାଯାଏ ବୋଲି କଥିତ ରହିଛି। ମହାସୁଆରମାନେ ପ୍ରତି ରଥରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି। ଏହାପରେ ପତ୍ରିବଡୁ, ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ତିନି ରଥରେ ପୂଜା ଠା' କରନ୍ତି। ତତ୍ ପରେ ପାଳିଆ ପୂଜା ପଣ୍ଡା ପଞ୍ଚୋପଚାରରେ ପୂଜା କରିଥାନ୍ତି। ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି। ଶାସ୍ତ୍ରରେ ଯଦି ଓ ଉଲ୍ଲେଖ ରହିଛି ଦ୍ୱାଦଶୀ ଦିନମହାପ୍ରଭୁ ନୀଳାଦ୍ରି ବିଜେ କରନ୍ତି, କିନ୍ତୁ ପ୍ରକୃତ ପକ୍ଷେ ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୋୟଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ। ଏହି ପରମ୍ପରା ଦୀର୍ଘ ଅନେକ ବର୍ଷ ଧରି ଅନୁସୃତ ହୋଇ ଆସୁଅଛି। ନୀଳାଦ୍ରି ବିଜେ ପହଣ୍ଡି ବିଜେ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଦଇତାପତି ନିଯୋଗ ସହ ଏ ସମ୍ବନ୍ଧରେ ଆଲୋଚନା କରାଯାଇ ପହଣ୍ଡି ହୋଇଥାଏ । ନୀଳାଦ୍ରି ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହାପରେ ଦର୍ଶନ ନିମିତ୍ତ କିଛି ସମୟ ଭକ୍ତମାନଙ୍କୁ ରଥ ଉପରକୁ ଛଡା ଯାଇଥାଏ। ପ୍ରଥମେ ବିଜେ କାହାଳି ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣି ଘରକୁ ବିଜେ କରାଇଥାନ୍ତି। ତତ୍ପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ। ପହଣ୍ଡି ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ ଅଖଣ୍ଡ ବଇଠା ବସେ। ଠାକୁରମାନେ ପହଣ୍ଡିରେ ଆସିବାବେଳେ ମନ୍ଦିର ପରିସରସ୍ଥ ଶୁଆଶାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡିଆ ମଣୋହି ଓ ବନ୍ଦାପନା ନୀତି ବଢିଥାଏ। ଜଗମୋହନଠାରେ ମଧ୍ୟ ଏହି ନୀତି ପାଳିତ ହୋଇଥାଏ। ସୂଚନାଯୋଗ୍ୟ ଯେ, ଗୁଣ୍ଡିଚା ମନ୍ଦିରଠାରେ ରଥ ଉପରୁ ଠାକୁରମାନେ ଗୁଣ୍ଡିଚା ଘର ରତ୍ନସିଂହାସନକୁ ପହଣ୍ଡି ବିଜେ କରିବା ସମୟରେ ରଥ ଉପରେ ଯେଉଁ ପ୍ରକାର ନୀତି ଅନୁସୃତ ହୋଇଥାଏ, ଠିକ୍ ସେହିପରି ସିଂହଦ୍ୱାରଠାରେ ନୀଳାଦ୍ରି ବିଜେ ପହଣ୍ଡିରେ ସମ ନୀତି ପାଳିତ ହୁଏ।

ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରି ଚାର ଉପରକୁ ଆସିଲେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଉଭୟ ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପରକୁ ଭେଟ ହୋଇଥାନ୍ତି। ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଛ ବନ୍ଦାପନା ନୀତି ବଢାଇଥାନ୍ତି । ଏହି ସମୟରେ ପରମ୍ପର ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲିଯାଏ । ପୁନଶ୍ଚ ଜଗନ୍ନାଥ ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଇଥାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତର ପଟେ ଜନୈକ ଦେବଦାସୀ ଏବଂ ମହାପ୍ରଭୁଙ୍କ ତରଫରୁ ଜଣେ ଦଇତାପତି ଦ୍ୱାରର ଅପରପାର୍ଶ୍ୱରେ ରହିବା ସଙ୍ଗେ ସଙ୍ଗେ ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ପରେ ଜୟ ବିଜୟ ଦ୍ୱାର ଫିଟିଥାଏ। ମହାପ୍ରଭୁ ପହଣ୍ଡି ବିଜେ ବିଜେରେ ଭିତର କାଠ ସମ୍ମୁଖସ୍ଥ ଭଣ୍ଡାର ଘରଠାରେ ପହଞ୍ଚିବା ପରେ ଗଇଁଠାଳ (ରୁକ୍ମିଣୀ ବିବାହ କାଳର) ଫିଟେ ଓ ବନ୍ଦାପନା , ରସ ଗୋଲା ଭୋଗ ଇତ୍ୟାଦି ଭିତରଛ ମହାପାତ୍ରଙ୍କ ଦ୍ୱାରା ସମାହିତ ହୋଇଥାଏ। ଏହା ପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ରସଗୋଲା ଭୋଗ ହୋଇଥାଏ। ଭିତରଛ ମହାପାତ୍ରଙ୍କ ନିଜସ୍ୱ ଗୃହରେ ଅତ୍ୟନ୍ତ ଶୁଦ୍ଧ ପୂତ ଭାବରେ ଏହି ରସଗୋଲା ତିଆରି ହୋଇଥାଏ। କଥିତ ଅଛି ଯେ, ମହାପ୍ରଭୁ ଲକ୍ଷ୍ମୀଦେବୀଙ୍କୁ ରସଗୋଲା ଖୁଆଇ ତାଙ୍କର ମାନଭଞ୍ଜନ କରିଥିଲେ ।

# ମହାପ୍ରଭୁଙ୍କୁ ଅଧରପଣା ଭୋଗ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଭଗବାନ ସ୍ୱଇଚ୍ଛାରେ ପୁରୀ କ୍ଷେତ୍ରରେ ପ୍ରକଟିତ ହୋଇଥିବାରୁ ଅନ୍ୟ ଧାମମାନଙ୍କ ଅପେକ୍ଷା ଶ୍ରୀକ୍ଷେତ୍ର ଧାମ ଅତ୍ୟନ୍ତ ପବିତ୍ର। ବର୍ଷରେ ଥରେ ପ୍ରଭୁ ରଥ ଉପରେ ବିଜେ କରି ଭକତ ଜନଙ୍କୁ ଦର୍ଶନ ଦିଅନ୍ତି। ଏହାକୁ ଘୋଷ ଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା, ପତିତ ପାବନ ଯାତ୍ରା କୁହାଯାଏ। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଏହି ଯାତ୍ରା ସର୍ବୋତ୍ତମ ଯାତ୍ରା । ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇ ଏହି ଯାତ୍ରାର ପରିସମାପ୍ତି ଘଟେ ନୀଳାଦ୍ରି ବିଜେରେ । ରଥ ଉପରେ ବାମନ ରୂପୀ ଜଗନ୍ନାଥଙ୍କୁ ଦର୍ଶନ କଲେ ପୁର୍ନଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ଦାରୁବ୍ରହ୍ମ ମହାପ୍ରଭୁଙ୍କ ଦିବ୍ୟ ଆବାସସ୍ଥଳ ହେଉଛି ମର୍ତ୍ତ୍ୟବୈକୁଣ୍ଠ । ଶ୍ରୀମନ୍ଦିରରେ ପ୍ରବେଶ ଅଧିକାର ପାଇନଥିବା ଅଣହିନ୍ଦୁ ଶ୍ରଦ୍ଧାଳୁ ପ୍ରତିବର୍ଷ ରଥଯାତ୍ରାରେ ପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି । ପ୍ରତ୍ୟେକ ବର୍ଷ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପରୁ ରଥରେ ବସି ମହାପ୍ରଭୁ ଶ୍ରୀମନ୍ଦିର ସିଂହାସନକୁ ବାହୁଡିବା ପୂର୍ବରୁ ସୁନାବେଶ ପରଦିନ ଦ୍ୱାଦଶୀ ତିଥିରେ ରଥ ଉପରେ ଅଧରପଣା ଭୋଗ କରାଯିବା ବିଧି ରହିଛି । ରଥାରୂଢ ଠାକୁରଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ଲାଗି ହେଉଥିବା ପଣା ଭୋଗକୁ ଅଧର ପଣା କୁହାଯାଏ । ରଥଯାତ୍ରା ସମୟରେ ବିଭିନ୍ନ ମଠ ତରଫରୁ ଦ୍ରବ୍ୟ ଯୋଗାଣ, ଚାମର ଓ ଆଲଟ ସେବା ପାଇଁ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପିରେ ଉଲ୍ଲେଖ ରହିଛି । ରାଘବ ଦାସ ମଠ ଓ ବଡ ଓଡିଆ ମଠ ପଣା ସାମଗ୍ରୀ ଦେବାର ପରମ୍ପରା ରହିଛି । ଅଧର ପଣା ଭୋଗ ପରମ୍ପରା ପ୍ରାୟ ୪୫୦ ବର୍ଷ ତଳର ବୋଲି ବିଭିନ୍ନ ପୁସ୍ତକରୁ ସୂଚନା ମିଳେ ।

ବହୁବର୍ଷ ପୂର୍ବେ ଅଧରପଣା ନୀତି ତିନିଦିନ ଧରି ରଥ ଉପରେ ପାଳନ କରାଯାଉଥିଲା । ଦଶମୀ ଦିନ ତିନି ହାଣ୍ଡି,ଏକାଦଶୀ ଦିନ ତିନିହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଏବଂ ଶ୍ରୀବଳଦେବଙ୍କ ରଥ ଉପରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ଦୁଇଟି ସାନ ହାଣ୍ଡିରେ ଏହିପରି ୧୨ ହାଣ୍ଡି ଅଧର ପଣା ଭୋଗ ହେଉଥିଲା । ତେବେ ବର୍ତ୍ତମାନ ତିନି ରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି । ରାଘବଦାସ ମଠ, ବଡ ଓଡିଆ ମଠ ଓ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖଏଁ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଇ ଦେଇଥାନ୍ତି । କୁମ୍ଭାରପଡା ଓ ମାଟିଆପଡାର କୁମ୍ଭକାରମାନେ କୁରାଳ ପଞ୍ଚମୀ ଦିନ ତୁମ୍ବି ଆକାରର ଏହି ଅଧର ହାଣ୍ଡି ପ୍ରସ୍ତୁତ କରି ଶ୍ରୀମନ୍ଦିର ଭଣ୍ଡାର ଘରେ ପୈଠ କରିଥାନ୍ତି । କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇନଥାଏ । ରଥ ଉପରେ ମଧ୍ୟାହ୍ନ ଧୂପ ପରେ ଅଧର ପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ । ଏଥି ପାଇଁ ରଥଗୁଡିକୁ ଧୂଆ ଯାଏ ଓ ଅଧରପଣା ଲୀଳା ପର୍ବ ଆରମ୍ଭ ହୁଏ । ପାଣିଆ ଆପଟ ସେବକମାନେ ସିଂହଦ୍ୱାର ନିକଟରେ ଥିବା ଛାଉଣୀ ମଠ କୂଅରୁ ଜଳ ଆଣନ୍ତି । କୂଅରୁ ଜଳ ଆଣିବା ସମୟରେ ମଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଭକ୍ତଙ୍କୁ ଆଡେଇଥାନ୍ତି । ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ । ମହାସୁଆରମାନେ ପ୍ରତି ରଥ ପାଇଁ ଗୋଟିଏ ଲେଖାଏଁ ବଡ ପିତ୍ତଳ ହାଣ୍ଡି ଆଣି ରଖନ୍ତି ଓ ଏଥିରେ ପାଣି ରଖାଯାଏ । ପଣା ପ୍ରସ୍ତୁତିରେ ନଅଟି ଦ୍ରବ୍ୟ ଯଥା- ସର,କ୍ଷୀର,ଛେନା,କଦଳୀ,ଗୋଲମରିଚ ଗୁଣ୍ଡ,କର୍ପୂର,ନବାତ,ଜାଇଫଳ,ପାଣି ବ୍ୟବହୃତ ହୋଇଥାଏ । ପାଳିଆ ମହାସୁଆର ରଥ ଉପରେ ଏସବୁ ରଖନ୍ତି । ମହାସୁଆରମାନେ ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରନ୍ତି । ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କର ଶ୍ରୀଅଧର ଛୁଉଁଥିବା ଭିନ୍ନଭିନ୍ନ ଆକୃତିର ମାଟି ହାଣ୍ଡି ରଖାଯାଏ । ପଣାକୁ ଏହି ହାଣ୍ଡିରେ ଢଳାଯାଏ । ପଣା ହାଣ୍ଡିଗୁଡିକୁ ଅଧରକନା (ଧଳା ରଙ୍ଗର ନୂତନ



କରିଆ)ରେ ଢାଙ୍କି ଦିଆଯାଏ । ପ୍ରତିବଡୁ,ସୁଆରବଡୁ ଓ ଗରାବଡୁ ପାଳିଆ ସେବକ ପୂଜା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରିବା ପରେ ପାଳିଆ ପୂଜାପଣ୍ଡା ସେବକ ପଞ୍ଚୋପଚାରରେ ପୂଜା କରି ଶ୍ରୀଜୀଉମାନଙ୍କୁ ପଣା ଅର୍ପଣ କରନ୍ତି । ଏହି ପଣା ଭୋଗକୁ ଭକ୍ତମାନଙ୍କୁ ଦିଆଯାଇନଥାଏ । ମହାପ୍ରଭୁ ତାଙ୍କ ଯାତ୍ରା ଶ୍ରେଷ୍ଠ ଯାତ୍ରା ରଥଯାତ୍ରାକୁ ଦେବଦେବୀଙ୍କୁ ନିମନ୍ତ୍ରଣକରିଥାନ୍ତି । ଯୋଗିମନୀ,ପିଶାଚ,ଯକ୍ଷ ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି । ଭକ୍ତମାନେ ବିଭିନ୍ନ ମାଧ୍ୟମରେ ମହାପ୍ରଭୁଙ୍କ ମହାପ୍ରସାଦ ପାଇବାର ସୌଭାଗ୍ୟ ଲାଭ କରିଥାନ୍ତି । ପଶୁପକ୍ଷୀମାନେ ମଧ୍ୟ ପାଇଥାନ୍ତି । କିନ୍ତୁ ପିଶାଚ,ଚିରିକୁଣିମାନେ ଏଥିରୁ ବଞ୍ଚିତ ହୋଇଥାନ୍ତି । ତେଣୁ ଯାତ୍ରା ଶେଷରେ ପଣା ଦେଇ ସମସ୍ତଙ୍କୁ ଆପ୍ୟାୟିତ କରିଥାନ୍ତି । କାରଣ ସେମାନଙ୍କ ପାଇଁ ସମର୍ପଣର ବ୍ୟବସ୍ଥା ନାହିଁ । ରଥ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନ କାଳରୁ ରହିଆସିଛି । ବିଶ୍ୱ ବ୍ରହ୍ମାଣ୍ଡର ତ୍ରାଣ କର୍ତ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ ହୋଇଥିବା ଅଧରପଣା ପାଇ ସେମାନେ ମୋକ୍ଷ ଓ ମୁକ୍ତି ପାଇଥାନ୍ତି । ଅଧରପଣା ନୀତି ପରେ ରଥ ଉପରେ ପାଣି ପକାଯାଇ ଧୁଆ ଯାଏ । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମହାସ୍ନାନ କରାଯିବା ସହ ବେଶ କରାଯାଏ । ଏହାପରେ ରଥ ଉପରେ ପ୍ରଭୁଙ୍କୁ ସନ୍ଧ୍ୟା ଆଳତି, ସନ୍ଧ୍ୟା ଧୂପ, ମଇଲମ, ଚନ୍ଦନଲାଗି, ବଡସିଂହାର ବେଶ, ବଡସିଂହାର ଭୋଗ କରାଯାଏ । ଗରୁଡ ଶୟନ ନୀତି କରାଯାଇ ପ୍ରଭୁଙ୍କ ରାତ୍ର ପହୁଡ ଅନୁଷ୍ଠିତ ହୁଏ ।

# "ମା'ଙ୍କ ନାମରେ ଗୋଟିଏ ଗଛ"



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ପ୍ରକୃତିରୁ ଆରମ୍ଭ ହୋଇଥିଲା ମାନବ ସମାଜର ଜୀବନଯାତ୍ରା । ପ୍ରକୃତି କୋଳରେ ମୁକ୍ତ ବିହଙ୍ଗ ପରି ବିଚରଣ କରୁଥିଲା ମଣିଷ। ମଣିଷ ପାଳଟି ଯାଇଥିଲା ପ୍ରକୃତିର ଉପାସକ । ପ୍ରକୃତିଠୁ ଶିଖୁଥିଲା ଜୀବନର କୌଶଳ ଏବଂ ପ୍ରକୃତିଠୁ ପାଉଥିଲା ବଞ୍ଚିବାର ସଞ୍ଜୀବନୀ । କିନ୍ତୁ ଆଜି ବିଜ୍ଞାନର ମାୟାରେ ଯାନ୍ତ୍ରିକ ସଭ୍ୟତାର ପ୍ରଭାବରେ ବଦଳି ଯାଇଛି ପରିବେଶ। ବିଜ୍ଞାନ ବଳରେ ମାନବ ଧରାକୁ ସରା ମଣିଲା । ସହରୀକରଣ ନାମରେ ସବୁଜ ବଳୟକୁ ନଷ୍ଟକଲା ମାନବ । ଦ୍ରୁତ ଶିଳ୍ପାୟନ ପରିବେଶକୁ କଲା ପ୍ରଦୂଷିତ। ଆଧୁନିକ ସଭ୍ୟତା ଜଙ୍ଗଲ ସମ୍ପଦର ଅବକ୍ଷୟର କାରଣ ହୋଇଛି। ଫଳରେ ବିଶ୍ୱ ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ଓ ଏହା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ପରିବେଶ ଅସନ୍ତୁଳନ ପାଇଁ ମୁଖ୍ୟତଃ ଲୋକମାନଙ୍କର ଜୀବନ ଚର୍ଯ୍ୟା ଦାୟୀ। ମାନବ ସମାଜ ଏବେ କ୍ଷଣିକ ସମୟରେ ପରିବେଶରେ ବୁଣିଦେଉଛି ପ୍ରଦୂଷଣର ବିଷମଞ୍ଜି। ପ୍ରଦୂଷିତ ପରିବେଶର ବିଷ ବଳୟରେ ମଣିଷ ଆଜି ଶ୍ୱାସରୁଦ୍ଧ।

ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ସାରା ବିଶ୍ୱପାଇଁ ଏକ ଆହ୍ୱାନ । ଏହି ପରିପ୍ରେକ୍ଷୀରେ ସବୁଜ ବଳୟର ସୃଷ୍ଟି ମାନବ ସମାଜ ପାଇଁ ଏକ ରକ୍ଷା କବଚ ତଥା ବରଦାନ ସଦୃଶ । ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ପ୍ରଦୂଷଣ ମୁକ୍ତ ପରିବେଶ ଏକାନ୍ତ ପ୍ରୟୋଜନ । ବିଶୁଦ୍ଧ ପରିବେଶ ସୁସ୍ଥ ଜୀବନଯାପନର ଏକ ମାନଦଣ୍ଡ। ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ପାଳନ କରାଯାଉଛି ବନମହୋତ୍ସବ ସପ୍ତାହ। ଆମ ଜୀବନରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱକୁ ହୃଦୟଙ୍ଗମ କରିବା ସହ ପରିବେଶର ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ୧୯୫୦ ମସିହାରୁ ଜୁଲାଇ ପ୍ରଥମ ସପ୍ତାହରେ 'ବନ ମହୋତ୍ସବ ସପ୍ତାହ' ପାଳନ କରାଯାଇ ଆସୁଛି। ବୃକ୍ଷ ରୋପଣର ଉପକାରିତା ତଥା ବୃକ୍ଷ ରୋପଣ ପ୍ରତି ଶ୍ରଦ୍ଧା ଜନ୍ମାଇବା ବନମହୋତ୍ସବର ପ୍ରଧାନ ଲକ୍ଷ୍ୟ ଅଟେ। ଗତ ଏକ ଦଶନ୍ଧି ହେଲା କେବଳ ଗଛକଟା ଯୋଗୁଁ ଦେଶର ଜଙ୍ଗଲ ପରିମାଣ ୧୬ ପ୍ରତିଶତ କମି ଆସିଛି। ତେଣୁ ପୂର୍ବାପେକ୍ଷା ଏବେ ମାନବିକ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲ ଓ ବୃକ୍ଷରାଜି ପ୍ରତି ଅଧିକ ବିପଦ ରହିଥିବାରୁ ବନ ମହୋତ୍ସବ ପାଳନ ଅନେକ ଗୁରୁତ୍ୱ ବହନ କରୁଛି। ବିଶ୍ୱର ତାପମାତ୍ରା ବୃଦ୍ଧି ରୋକିବା ଓ ପ୍ରଦୂଷଣ ହ୍ରାସ ଦିଗରେ ବୃକ୍ଷରୋପଣ ହିଁ ଶ୍ରେଷ୍ଠ ବିକଳ୍ପ ହୋଇଥିବାରୁ ଏହାକୁ ମହୋତ୍ସବର ଅଂଶବିଶେଷ କରାଯାଇଛି । ବନମହୋତ୍ସବର ଉଦ୍ଦେଶ୍ୟ ହେଉଛି ପରିବେଶ ସୁରକ୍ଷା, ଗଛର ଗୁରୁତ୍ୱ ବିଷୟରେ ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଜୀବନର ପର୍ବ ଭାବରେ ବିବେଚନା କରାଯାଉଥିବା ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପ୍ରାକୃତିକ ପରିବେଶକୁ ସୁରକ୍ଷା ଦେଇ ଦେଶ ଏବଂ ପୃଥିବୀ ମାତାକୁ ରକ୍ଷା କରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା। ବନ ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ; ଏହା ଏକ ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ଆଡ଼କୁ ଏକ କ୍ରାନ୍ତିକାରୀ ଆନ୍ଦୋଳନ।

ମଣିଷ ଯେତେ ଆଧୁନିକ ହେଉଛି ସେତେ ଜଙ୍ଗଲ ନଷ୍ଟ କରୁଛି, ଗଛ କାଟି ଦେଉଛି । ମଣିଷ ନିଜ ସ୍ୱାର୍ଥ ସାଧନ ପାଇଁ ପରିବେଶ ନଷ୍ଟ କରୁଛି ଯାହା ନିଜ ସମାଜପ୍ରତି ବିପଦ ସୃଷ୍ଟି କରୁଛି। ଯାହାର ଫଳ ବି ଆମକୁ ଭୋଗିବାକୁ ପଡୁଛି । ଫଳସ୍ୱରୂପ ପରିବେଶ ପ୍ରଦୂଷଣ, ଅସହନୀୟ ତାପମାତ୍ରା ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ, ଭୂତଳ ଜଳସ୍ତର ନିମ୍ନଗାମୀ, ମୃତ୍ତିକା କ୍ଷୟ, ବୃଷ୍ଟିପାତ ହ୍ରାସ ଓ ଉତ୍ପାଦନ ବ୍ୟାହତ ହେଉଛି । ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ଜୀବଜଗତପାଇଁ ସତର୍କର ଘଣ୍ଟି ବଜାଇ ସାରିଲାଣି । ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମୀ, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢିବଢି ଚାଲିଛି । ସାରା ଦେଶରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହୁଛି ।

ସୁସ୍ଥ ଓ ସ୍ୱଚ୍ଛ ପରିବେଶ ପାଇଁ ଗଛ ଲଗାଇବା ସୁସ୍ଥ ସମାଜ ଗଠନ କରିବା । ବୃକ୍ଷ ମଣିଷର ଔଷଧ ଓ ପ୍ରାଣଶକ୍ତି ଭାବେ କାମକରେ । ପ୍ରକୃତି ମା'ର ସୁରକ୍ଷା ସମସ୍ତ ମାନବଜାତି ପାଇଁ ଆଜି ଏକ ଆହ୍ୱାନ ପାଲଟିଛି । ବୃକ୍ଷ ତା'ର ଜୀବନକାଳ ମଧ୍ୟରେ ମଣିଷର ଅନ୍ତୁଡ଼ିଶାଳରୁ ମଶାଣି ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଏକ ଅନ୍ତରଙ୍ଗ ବନ୍ଧୁ ପରି ପାଖେ ପାଖେ ରହି ସେବା ଯୋଗାଇ ଆସିଥାଏ। କଥାରେ ଅଛି ବିପଦର ବନ୍ଧୁ ପ୍ରକୃତ ବନ୍ଧୁ। ଠିକ୍ ଗଛ ବିପଦର ବନ୍ଧୁ ପରି ସମସ୍ତ ବିପଦ ଆପଦରେ ମଣିଷ ପାଖରେ ଠିଆ ହୋଇଥାଏ। ପ୍ରକୃତି ଆମର ମା'। ତା' ପ୍ରତି ମଧ୍ୟ ଆମର କର୍ତ୍ତବ୍ୟ ରହିଛି। ଗଛଟିଏ ଲଗାଇଲେ ଏହା କେବଳ ପ୍ରକୃତି ପାଇଁ ଫଳପ୍ରଦ ହେବନି, ଏକ ସୁସ୍ଥ ଜୀବନ ବଞ୍ଚିବାରେ ଆମକୁ ହିଁ ସାହା ହେବ। ତେଣୁ ଅନ୍ତତଃ ବର୍ଷକୁ ଗୋଟେ ଗଛ ଲଗାଇବା ସହ ତା'ର ଯତ୍ନନେବା ଆମର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ୍। ଚାରିପାଖରେ ସବୁଜିମା ଥିଲେ ଏହା ବାୟୁର ଗୁଣବତ୍ତା ଉନ୍ନତ କରେ, ତାପମାତ୍ରା ହ୍ରାସ କରେ, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରେ, ସୌନ୍ଦର୍ଯ୍ୟକରଣକୁ ବୃଦ୍ଧି କରେ, ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରେ। ଏବେ ଆମେ ଯେଉଁ କ୍ଷତି କରିଛୁ ତାହାକୁ ଫେରାଇ ଆଣିବା ଏବଂ ପରିବେଶଗତ ସନ୍ତୁଳନକୁ ପୁନଃସ୍ଥାପିତ କରିବା ପାଇଁ, ସର୍ବୋତ୍ତମ ଉପାୟ ହେଉଛି ଗଛ ଲଗାଇବା ଏବଂ ଧରାପୃଷ୍ଠରେ ଥିବା ଜଙ୍ଗଲକୁ ବଞ୍ଚାଇବା।

ପ୍ରଧାନମନ୍ତ୍ରୀ "ମା'ଙ୍କ ନାମରେ ଗୋଟିଏ ଗଛ ୨.୦" ଅଭିଯାନ ଆରମ୍ଭ କରିଛନ୍ତି । ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସୁରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ଏଥିରେ ୧୦ କୋଟି ଗଛ ଲଗାଯିବାପାଇଁ ଯୋଜନା କରାଯାଇଛି । 'ମା' ଭଳି ବୃକ୍ଷ ମଧ୍ୟ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ'। ଯେପରି ମାଆ ତାଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତି, ସେହିପରି ଆମେ ମଧ୍ୟ ବଞ୍ଚିବା ପାଇଁ ଏହି ଚାରାଗୁଡ଼ିକର ଯତ୍ନ ନେବା। ଯେହେତୁ ଗଛଗୁଡ଼ିକ ପରିସଂସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ତେଣୁ ଗଛଗୁଡ଼ିକୁ ସଂରକ୍ଷଣ କରିବା ଏବଂ ଏକ ସୁସ୍ଥ, ପ୍ରଦୂଷଣମୁକ୍ତ ପରିବେଶକୁ ପ୍ରୋତ୍ସାହିତ କରିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ। "ମା'ଙ୍କ ନାମରେ ଗୋଟିଏ ଗଛ' ଏହାର ଉଦ୍ଦେଶ୍ୟ ହେଉଛି ପୃଥିବୀ ମାତାକୁ ବନ୍ୟା, ବାତ୍ୟା, ଉତ୍ତାପ ଆଦି କବଳରୁ ରକ୍ଷା କରିବା । ସବୁଜ ଭାରତ ଗଠନ ଲକ୍ଷ୍ୟନେଇ ପ୍ରତ୍ୟେକ ନାଗରିକ ନିଜ ମା'ଙ୍କ ନାମରେ ଗଛ ଲଗାଇବାକୁ ପଡିବ । ଏହି ବର୍ଷର ସ୍ଲୋଗାନ ହେଉଛି 'ଗୋଟିଏ ଗଛ ଲଗାନ୍ତୁ, ଆମର ଭବିଷ୍ୟତ ସୁରକ୍ଷିତ କରନ୍ତୁ'।"ବୃକ୍ଷ ବଞ୍ଚି ରହିଲେ ବିଶ୍ୱ ତିଷ୍ଠି ରହିବ, ଏଣୁ ପ୍ରକୃତିର ସୁରକ୍ଷା ଆମର ଦାୟିତ୍ୱ"।

ପ୍ରକୃତି ଓ ପରିବେଶକୁ ନଷ୍ଟ କଲେ ମଣିଷ ତା'ର ଅସ୍ତିତ୍ୱ ହରାଇବସିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।ସମୟ ଆସିବ ସାରାବିଶ୍ୱ ଦିନେ ପ୍ରାକୃତିକ ବିପର୍ଯ୍ୟୟରେ ଅତିଷ୍ଠ ହେବାକୁ ଲାଗିବ । ତେଣୁ ବେଳ ଥାଉ ଥାଉ ପରିବେଶର ଯତ୍ନ ନେବାକୁ ପଡିବ। ଆଧୁନିକ ଜୀବନଶୈଳୀ ତଥା ବିଜ୍ଞାନର ମାୟାରେ ବାଟବଣା ନହୋଇ ପରିବେଶ ଓ ପ୍ରକୃତିର ଅବକ୍ଷୟ ପ୍ରତି ସଚେତନ ହେବା ଯାହା ଫଳରେ ଉଭୟ ଜୀବନ ସୁସ୍ଥ ଓ ସୁନ୍ଦର ହୋଇପାରିବ । ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ଗଛର ସୁରକ୍ଷା ହେଉଛି ସଭ୍ୟତା ଓ ସଂସ୍କୃତିର ସୁରକ୍ଷା। ତେଣୁ ପରିବାରର ସଦସ୍ୟ ପରି ଗଛର ଯତ୍ନ ନେବା ସହିତ ଭବିଷ୍ୟତ ପିଢି ପାଇଁ ଏକ ସୁସ୍ଥ ସୁନ୍ଦର ସବୁଜ ପରିବେଶ ସୃଷ୍ଟି କରିବା ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS

ସମ୍ବାଦ କଳିଙ୍ଗ

ଭୁବନେଶ୍ୱର, ୮ ଜୁଲାଇ ୨୦୨୫ ମଙ୍ଗଳବାର





# ସୁନା ବେଶରେ ଝଲକିଲେ ଶ୍ରୀଜୀଉ:ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼



**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡାରେ ରବିବାର ସୁନାବେଶରେ ଝଲସିଛନ୍ତି ମହାବାହୁ । ଏହି ଅପରୂପ ଦୃଶ୍ୟ ଦେଖିବାକୁ ରବିବାର ସନ୍ଧ୍ୟାରେ ରଥ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥ ଉପରେ ମହାପ୍ରଭୁ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରାଙ୍କୁ ସୁନାବେଶ କରାଯାଇଥିଲା । ଦାରୁବ୍ରହ୍ମଙ୍କ ବେଶ ମଧ୍ୟରେ ସୁନାବେଶ ସବୁଠାରୁ ଅଧିକ ମନ ମୁଗ୍ଧକର ହୋଇପାରିଥିଲା । । ରଥ ଉପରେ ସନ୍ଧ୍ୟା ଆଳତି ନୀତି ସମ୍ପନ୍ନ ହେବାପରେ ପ୍ରଭୁଙ୍କୁ ସୁନାବେଶ କରାଯାଇଥିଲା । ଲଘୁଚାପ ଜନିତ ଲଗାଣ ବର୍ଷା ବାଧକ ସାଜିଥିବା ବେଳେ ରଥ ଚତୁଃପାର୍ଶ୍ୱରେ ପରିକ୍ରମା କରି ଶହ ଶହ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବାର ସୁଯୋଗ ପାଇଥିଲେ । ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ସମ୍ବିତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସମଗ୍ର ଅଞ୍ଚଳରେ କଡା କଡ଼ି ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ଟି. ଶ୍ରୀନିବାସ ରାଓ, ମଧୁସୂଦନ ଦାସ, ଲୋକନାଥ ପାଢ଼ୀଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଅଞ୍ଚଳର ପର୍ଶୁରାମ ବାହିନୀ, ବ୍ରାହ୍ମଣ ସମିତି, ବିଭିନ୍ନ ଯୁବକ ସଂଘ, ମହିଳା ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

# ଲଗାଣ ବର୍ଷାରେ ବେହାଲ କେନ୍ଦୁଝର ପୌରାଞ୍ଚଳ:ରାସ୍ତାରେ ସୃଷ୍ଟି ହେଲା କୃତ୍ରିମ ପୋଖରୀ

**କେନ୍ଦୁଝର, ନ୍ୟୁଜ୍**

ସୁଚିନ୍ତିତ ଯୋଜନା ଅନୁସାରେ ବାସଗୃହ ଓ ଡ୍ରେନ୍ ଗୁଡିକ ନିର୍ମାଣ କରାନଯିବା କାରଣରୁ ଅସରାଏ ବର୍ଷା ହେଲେ ବର୍ଷା ଜଳ ଓ ବାସ ଗୃହରୁ ଦୈନିକ ନିର୍ଗତ ଆବର୍ଜନା ଜଳ ଡ୍ରେନ୍‌ରେ ପହଞ୍ଚିନପାରି ବସବାସ କରୁଥିବା ବାସଗୃହ ନିକଟରେ ଓ ରାସ୍ତାରେ ଜଳ ଜମିରହି କୃତ୍ରିମ ପୋଖରୀ ସୃଷ୍ଟି ହୋଇ ଯାତାୟାତରେ ନାହିଁନଥିବା ଅସୁବିଧା ଦେଖାଦେଇଛି । ଜନସଂଖ୍ୟାକୁ ତାଳଦେଇ ପୌରାଞ୍ଚଳରେ ନୂତନ ନୂତନ ବାସଗୃହ, ବ୍ୟବସାୟ ସଂସ୍ଥା ମାନ ଗଢିଉଠିଥିବା ବେଳେ ହେଲ୍‌ଥିପଏଣ୍ଟ ପ୍ରତି ଦୃଷ୍ଟି ନଦେଇ ଯିଏ ଯେମିତି ପାରିଲା ଘର ଗୁଡିକ ନିର୍ମାଣ କରାଯାଇଥିବାରୁ ଘରର ଆବର୍ଜନା ଜଳ, ଓ ବର୍ଷା ଦିନରେ ବର୍ଷା ଜଳ ନବ ନିର୍ମିତ ଡ୍ରେନ୍‌ରେ ପହଞ୍ଚି ନପରି ଲୋକମାନଙ୍କ ଘର ପାର୍ଶ୍ୱରେ ଓ ରାସ୍ତା



ପାଣି ଜମିରହି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି । ସେହିଭଳି ଡ୍ରେନ୍ ଗୁଡିକ ନିର୍ମାଣ ସମୟରେ ଲୋକମାନେ ନିର୍ମାଣ କରିଥିବା ଘର ଗୁଡିକର ଉଚ୍ଚତାକୁ ଦୃଷ୍ଟି ନଦେଇ ଡ୍ରେନ୍ ଗୁଡିକ ତଳକୁ ଅଳ୍ପ ଖୋଲି ଡ୍ରେନ୍ ନିର୍ମାଣ ଯୋଗୁଁ ଲୋକମାନଙ୍କର ଗୃହର ଆବର୍ଜନା ଜଳ ଓ ବର୍ଷା ଜଳ ଡ୍ରେନ୍‌ରେ ପହଞ୍ଚି ପାରୁନାହିଁ । କେବଳ ଡ୍ରେନ୍‌କୁ ଲାଗି ରହିଥିବା ମୁଖ୍ୟ ରାସ୍ତାରେ ପ୍ରବାହିତ ବର୍ଷା ଜଳ ଡ୍ରେନ୍ ପଡୁଛି, ହେଲେ ଲୋକମାନଙ୍କର ବାସ ଗୃହରୁ ଓ ପ୍ରତି ଅଞ୍ଚଳକୁ ଯାଇଥିବା ଗ୍ରାମ୍ୟ ରାସ୍ତାରେ ଲହଡ଼ି ମାରୁଥିବା ବର୍ଷା ଜଳ ଡ୍ରେନ୍‌କୁ ପହଞ୍ଚି ନପାରି ଘର ନିକଟରେ ଓ ରାସ୍ତା ଉପରେ ଜମିରହି ଯାତାୟାତରେ ନାହିଁନଥିବା ସମସ୍ୟା ସୃଷ୍ଟି ହେଉଛି । ବର୍ଷା ହେଲେ ଅଧିକାଂଶ କଲୋନୀରେ ପାଣି ପମ୍ପ ଲଗାଇ ବର୍ଷା ଜଳକୁ ନିଷ୍କାସନ କରୁଥିବାର ଦେଖାଯାଇଛି । ଡ୍ରେନ୍ ଗୁଡିକ ନିର୍ମାଣ ସମୟରେ ପ୍ରତି ଗ୍ରାମରେ ଥିବା ଗୃହ ଓ ଗ୍ରାମ୍ୟ ରାସ୍ତାର ଅବସ୍ଥିତିକୁ ଦୃଷ୍ଟି ଦେଇ ଡ୍ରେନ୍ ଗୁଡିକ ୪/୫ ଫୁଟ୍ ତଳକୁ ଖୋଳାଯାଇ ଡ୍ରେନ୍ ନିର୍ମାଣ କରାଯାଇଥିଲେ ବର୍ଷା ଜଳ ଜମିବା ସମସ୍ୟା ବହୁଳ ଭାବେ ହ୍ରାସ ପାଇଥାନ୍ତା ବୋଲି ଜନସାଧାରଣରେ ମତ ପ୍ରକାଶ ପାଇଛି । ଏହା ବ୍ୟତୀତ ଡ୍ରେନ୍ ଗୁଡିକର ରକ୍ଷଣାବେକ୍ଷଣ ଉପରେ ପୌର ବିଭାଗ ଦୃଷ୍ଟି ଦେଉନଥିବାରୁ ସ୍ଥାନେ ସ୍ଥାନେ ଡ୍ରେନ୍ ଗୁଡିକର ଉପର କଭର ଗୁଡିକ ଭାଙ୍ଗି ରୁଜି ପଡିରହିଥିବା ବେଳେ ସେହି ମୁକୁଳା ଡ୍ରେନ୍ ଭିତରେ କଠିନ ବର୍ଜ୍ୟ ଦ୍ରବ୍ୟ ସବୁ ପକଯାଉଛି, ଯାଫଳରେ ଡ୍ରେନ୍ ଗୁଡିକ ଜାମ୍ ମଧ୍ୟ ହୋଇପଡୁଛି । ତେଣୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ ଦାବି ହୋଇଛି ।

# ସ୍ମାର୍ଟସିଟିରେ ଜଳୁନି ଷ୍ଟ୍ରିଟ୍ ଲାଇଟ୍:ସହରବାସୀ ଭୟଭୀତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ପ୍ରଥମ ସହର ଭାବେ ଭୁବନେଶ୍ୱର ମହାନଗର ନିଗମ ସ୍ମାର୍ଟସିଟିର ମାନ୍ୟତା ପାଇଲା । ଅଥଚ ଭିତ୍ତିଭୂମିରେ ପରିବର୍ତ୍ତନ ଆସିଲାନି । ରାସ୍ତାଘାଟ, ନାଳ, ବିଜୁଳି, ସବୁଥିରେ ଧନ୍ଦି ହେଉଛନ୍ତି ଭୁବନେଶ୍ୱର ସହରବାସୀ । ସବୁଠୁ ଅଧିକ କଷ୍ଟ ଦେଉଛି ସହରର ଆଲୋକୀକରଣ ବ୍ୟବସ୍ଥା । ରାସ୍ତା ଆଲୋକୀକରଣ ପାଇଁ ସବୁଠି ମାଳ ମାଳ ଦାମୀ ଷ୍ଟ୍ରିଟ୍ ଲଗାଯାଇଛି, କିନ୍ତୁ କେଉଁଠି ଏହା ଜଳୁନି ତ କେଉଁଠି ଧପ୍ ଧପ୍ ହେଉଛି । ସ୍ଥିତି ଏପରି ରାତି ଗଡ଼ିଲେ, ଦୁର୍ଘଟଣା ସହ ଚୋରି, ରାହାଜାନି ଭୟ ଗୋଡ଼ାଉଛି । ସେପଟେ ବିଭିନ୍ନ ଘରୋଇ କମ୍ପାନୀର ମନମୁଖୀ କାର୍ଯ୍ୟକଳାପ ଯୋଗୁ ସହରର ଖାଲଖମା ରାସ୍ତାଘାଟ ବି ଅନ୍ଧାର ରାତିରେ କାଳ ଭଳି ଅନାଇ ବସୁଛି । ସାମାନ୍ୟ ଅନ୍ୟମନସ୍କ ହେଲେ, ଖାତରେ ଅବା ମେଡିଆନ୍‌ରେ ପିଟି ହୋଇଯିବାର ଭୟ ଘାରୁଛି । ବଡ଼କଥା ହେଉଛି, ଷ୍ଟ୍ରିଟ୍‌ଲାଇଟ୍ ଜଳିବାରେ ବି ପାତରଅନ୍ତର ନୀତି ଅବଲମ୍ବନ କରାଯାଉଛି । ଯଦି କୌଣସି ଅଞ୍ଚଳରେ ବଡ଼ବଡ଼ିଆମାନେ ରହୁଛନ୍ତି, ସେ ଅଞ୍ଚଳରେ ଷ୍ଟ୍ରିଟ୍‌ଲାଇଟ୍ ଖରାପ ହେଲେ ତତ୍କାଳ ମରାମତି କରାଯାଉଛି । କିନ୍ତୁ ଯେଉଁ ଅଞ୍ଚଳରେ ମଲିମୁଣ୍ଡିଆ, ନିମ୍ନ ଓ ମଧ୍ୟମବର୍ଗ ଲୋକେ ରହୁଛନ୍ତି, ସେ ଅଞ୍ଚଳକୁ ଆଡ଼ ଆଖିରେ ବି ଅନାଉନାହାନ୍ତି ବିଏମ୍‌ସିର ଅଧିକାରୀମାନେ । ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ତଥ୍ୟ ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୭୭ ହଜାର



ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଛି । ପ୍ରମୁଖ ଛକମାନଙ୍କରେ ୧୩୧ଟି ହାଇମାଷ୍ଟ ଲାଇଟ୍ ଲଗାଯାଇଛି । ଷ୍ଟ୍ରିଟ୍‌ଲାଇଟ୍ ଲଗାଇବା, ସଜାଡ଼ିବା ତଥା ରକ୍ଷଣାବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ସ୍ୱତନ୍ତ୍ର ବିଭାଗ ରହିଛି । ପ୍ରତି ୱାର୍ଡରେ ୱାର୍ଡ କାର୍ଯ୍ୟାଳୟରେ ଷ୍ଟ୍ରିଟ୍‌ଲାଇଟ୍ ଜଳୁଛି କି ଜଳୁନି, ଦେଖିବାକୁ କର୍ମଚାରୀ ନିଯୋଜିତ ହୋଇଛନ୍ତି । ବିଭାଗରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ସଂଖ୍ୟା ଦେଖିଲେ, ଜଣେ ନିର୍ବାହୀ ଯନ୍ତ୍ରୀ, ୨ଜଣ କନିଷ୍ଠ ଯନ୍ତ୍ରୀ, ଜଣେ କନିଷ୍ଠ ସହଯୋଗୀ, ୧୦ଜଣ କାର୍ଯ୍ୟାଳୟ କର୍ମଚାରୀ, ୨୮ଜଣ କ୍ଷେତ୍ର କର୍ମଚାରୀ କାମ କରୁଛନ୍ତି । କିନ୍ତୁ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି କି ସ୍ଥିତି ଅନୁଧ୍ୟାନ କରୁନାହାନ୍ତି । ସେପଟେ ଷ୍ଟ୍ରିଟ୍‌ଲାଇଟ୍ ବିଜୁଳି ଖର୍ଚ୍ଚ ବାବଦରେ ମହାନଗର ନିଗମ ପକ୍ଷରୁ ବାର୍ଷିକ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ରକ୍ଷଣାବେକ୍ଷଣ ପାଇଁ ୨.୬୪ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଏଥିପାଇଁ ବିଭିନ୍ନ ଏଜେନ୍ସିଙ୍କୁ ନିଯୋଜିତ କରାଯାଇଛି । କିନ୍ତୁ ସହରରେ ଷ୍ଟ୍ରିଟ୍‌ଲାଇଟ୍ ସ୍ଥିତି ଦେଖିଲେ, ଆଚାର୍ଯ୍ୟ ବିହାର-ସୈନିକ ସ୍କୁଲ ରାସ୍ତା, ବମିଖାଲ ଓଭରବ୍ରିଜ୍‌ରୁ ମହର୍ଷି କଲେଜ ଯିବା ରାସ୍ତା, ରସୁଲଗଡ଼ ଓଭରବ୍ରିଜ୍, ଶାସ୍ତ୍ରୀ ନଗର-ହାଉସିଂ ବୋର୍ଡ ରାସ୍ତାରେ ଲାଇଟ୍ ଜଳୁନାହିଁ । ପଳାଶୁଣୀରୁ ସାଇମନ୍ଦିର ଛକ ରାଜପଥରେ ବି ଅନ୍ଧାର ରାଜୁତି କରୁଛି । ଏ ସଂପର୍କରେ ମେୟର ସୁଲୋଚନା ଦାସ କହିଛନ୍ତି, ଯେଉଁଠି ବି ଷ୍ଟ୍ରିଟ୍‌ଲାଇଟ୍ ଜଳୁନି, ତତ୍କାଳ ମରାମତି କରାଯାଉଛି । ତଥାପି ଯଦି ସେଭଳି କିଛି ସମସ୍ୟା ରହିଛି, ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ । ପଳାଶୁଣୀ-ସାଇମନ୍ଦିର ଛକ ଏନ୍‌ଏଚ୍‌ଏଆଇ ଅଧୀନରେ ରହିଛି । କିଛି ବିଏମ୍‌ସି ଓ କିଛି ଏନ୍‌ଏଚ୍‌ଏଆଇ ଏହା ଦେଖୁଛନ୍ତି । ତଥାପି ଯଦି କୌଣସି ତ୍ରୁଟି ରହିଛି, ଏହାର ସମାଧାନ କରାଯିବ ବୋଲି ଶ୍ରୀମତୀ ଦାସ କହିଛନ୍ତି ।

||||||||||||||||| ଆର୍ଯ୍ୟଭଟ୍ଟ ପ୍ରେରଣା-୨୦୨୫ |||||||||||||||||

# ବିଫଳତା ହିଁ ସଫଳତାର ପଥ ପ୍ରଦର୍ଶକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**




ବିଫଳତା ହିଁ ସଫଳତାର ପଥ ପ୍ରଦର୍ଶକ ତେବେ ଏଥିପାଇଁ ପ୍ରୟାସ ନିତ୍ୟାନ୍ତ ଆବଶ୍ୟକ । ସ୍ଥାନୀୟ ହିଲ୍ ପାଟଣା ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ରବିବାର ଅପରାହ୍ନରେ ଆର୍ଯ୍ୟଭଟ୍ଟ ଦ୍ୱାରା ଆୟୋଜିତ ପ୍ରେରଣା କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ବିଭିନ୍ନ ରାଷ୍ଟ୍ରୀୟ ସ୍ତରର ପ୍ରବେଶିକା ପରୀକ୍ଷା ଯଥା ଆଇ.ଆଇ.ଟି, ଏନ୍.ଆଇ.ଟି, ମେଡିକାଲ୍, ଆଇଜର, ଆଇ.ଏସ୍.ଆଇ ଇତ୍ୟାଦି ପରୀକ୍ଷାରେ ସଫଳ ହୋଇପାରିଥିବା ଆର୍ଯ୍ୟଭଟ୍ଟ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜେଇଇ ମେନ୍ ବି.ଆର୍କରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରୀଅଙ୍କା ପଟ୍ଟନାୟକ, ଆଇ.ଏସ୍.ଆଇ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ନବମ ସ୍ଥାନ ଅଧିକାର କରିଥିବା ସ୍ନେହମୟୀ ସାହୁ ଓ ଆଇଜର ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୭୪ ତମ ସ୍ଥାନ ଅଧିକାର କରିଥିବା ମୁସ୍କାନ ପଟ୍ଟନାୟକଙ୍କ ସମେତ ଆଇ.ଆଇ.ଟି ଆଡ଼ଭାନ୍ସରେ ସଫଳ ୩ ଜଣ, ମେଇନ୍ସରେ କୃତକାର୍ଯ୍ୟ ହୋଇଥିବା ୨୪ ଜଣ ନିଟ୍‌ରେ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଆବଶ୍ୟକୀୟ ର୍‍ୟାଙ୍କ ରଖିଥିବା ୨୫ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କାଯାଇଥିଲା । କାର୍ଯ୍ୟକ୍ରମ ଉପସ୍ଥିତ ମାତୃଶକ୍ତିଙ୍କ ଦ୍ୱାରା ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀ ଠାରେ ପ୍ରଦୀପ ପ୍ରଜ୍ୱଳନରେ ଆରମ୍ଭ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଭେଷଜ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ଅବନୀ ମିଶ୍ର ଯୋଗଦେଇ ଦାରିଦ୍ର୍ୟର ତାଡନା ସତ୍ତ୍ୱେ ମେଡିକାଲ ପ୍ରବେଶିକାରେ କୃତିତ୍ୱ ହାସଲ କରିବା ଓ ଅଧ୍ୟୟନ କରିବା ନିଜ ଅନୁଭୂତି ବିଷୟରେ ବର୍ଣ୍ଣନା କରିଥିଲେ । ପ୍ରତିକୂଳ ପରିସ୍ଥିତିକୁ ଡରି ନଯାଇ ସଂଘର୍ଷ କରିବାରେ ହିଁ ଅସଲ ପୌରୁଷ ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ଓ ୨୦୨୨ରେ ନିଟରେ ଓଡ଼ିଶାରେ ପ୍ରଥମ ସ୍ଥାନ ରଖିଥିବା ଅମ୍ଳାନ ଅଂଶୁମତଙ୍କ ବାପା ଡ. ପିତବାସ ସାହୁ ନିଜ ପୁଅର ପ୍ରସ୍ତୁତି ଏବଂ ସେ ସମୟରେ ତାଙ୍କର କାର୍ଯ୍ୟଧାରା ସମ୍ପର୍କରେ ବର୍ଣ୍ଣନା କରିବା ସହ ପିଲାଙ୍କ ପ୍ରସ୍ତୁତିରେ ପିତାମାତାଙ୍କ କରଣୀୟ ଓ କର୍ତ୍ତବ୍ୟ ଜନିତ ଯୋଗଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏଥିରେ ସଭାପତିତ୍ୱ କରିଥିବା ଅନୁଷ୍ଠାନ ମୁଖ୍ୟ ସୁଧୀର ରାଉତ ଯୁବ ଗୋଷ୍ଠୀ ଓ ଅଭିଭାବକଙ୍କ ଭିତରେ କ୍ୟାରିଅର ନେଇ ଅତିଶୟ ଆତୁରତା ତାଙ୍କ ପରିବାର, ସମାଜ ସର୍ବୋପରି ନିଜର କ୍ଷତି ହିଁ କରିଥାଏ ବୋଲି ଉଦାହରଣ ସହ ବୁଝାଇଥିଲେ ।

## ୧୮୦ ଲିଟର ବିଦେଶୀ ମଦ ସହ ୨ ଡିପ୍ ଫ୍ରିଜର ଜବତ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଚରମ୍ପାରୁ ସହରାଞ୍ଚଳ ଥାନା ପୋଲିସ୍ ଚଢଉ କରି ୧୮୦ ଲିଟର ବିଦେଶୀ ମଦ ସହ ୨ ଟି ଡିପ୍ ଫ୍ରିଜର ଜବତ କରିଛି । ସୂଚନା ଅନୁସାରେ ପବିତ୍ର ମହରମ ପର୍ବ ପାଇଁ ଭଦ୍ରକରେ ସମସ୍ତ ମଦ ଦୋକାନ ବନ୍ଦ ରହିଥିବାବେଳେ ଚରମ୍ପା ରେଳ ଷ୍ଟେସନ୍ ନିକଟରେ ବେଆଇନ୍ ବିଦେଶୀ ମଦ ବିକ୍ରି ହେଉଥିବାର ଖବର ମିଳିଥିଲା । ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶରେ ଭଦ୍ରକ ସହରାଞ୍ଚଳ ଥାନାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଭଦ୍ରକ ରେଲ୍‌ୱେ ଷ୍ଟେସନ୍ ଅଞ୍ଚଳରେ ଚଢଉ କରିଥିଲେ ଏବଂ ସେଠାରୁ ବିଭିନ୍ନ କମ୍ପାନୀର ୧୮୦ ଲିଟର ବିଦେଶୀ ମଦ ସହ ୨ ଟି ଡିପ୍ ଫ୍ରିଜର ଜବତ କରିଥିଲା ସହରାଞ୍ଚଳ ଥାନା ପୋଲିସ୍ ଏବଂ ଏହି ଘଟଣାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲୁଥିବା ବିଷୟ ଜଣାପଡିଛି ।

# ଜୁଲାଇ ୯ ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଶ୍ରମ କୋର୍ଡ ବାତିଲ, ଦରଦାମ ନିୟନ୍ତ୍ରଣ, ରାଷ୍ଟ୍ରାୟତ ଶିଳ୍ପକୁ ବିକ୍ରି କରିବା ବନ୍ଦ ପ୍ରଭୃତି ୧୭ ଦଫା ଦାବିରେ ଆସନ୍ତା ଜୁଲାଇ ୯ ତାରିଖ ସକାଳ ୬ ଟାରୁ ଜୁଲାଇ ୧୦ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ୨୪ ଘଣ୍ଟିଆ ସାଧାରଣ ଧର୍ମଘଟ ଆହ୍ୱାନ୍ କରାଯାଇଛି ବୋଲି ସେକ୍ଟର ୧୬ ସ୍ଥିତ ଶ୍ରମିକ ଭବନ ଠାରେ ମିଳିତ ଶ୍ରମିକ ସଂଗଠନ ଗୁଡ଼ିକ ତରଫରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସିଟୁ ତରଫରୁ ବିମାନ ମାଇତିଙ୍କ ଅଧ୍ୟକ୍ଷତା ଓ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ସିଟୁ ତରଫରୁ ବିଷ୍ଣୁ ମହାନ୍ତି, ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ପ୍ରଭାତ ପଣ୍ଡା, ଶ୍ରୀମନ୍ତ ବେହେରା, ଆଇଏନ୍‌ଟିୟୁସିରୁ ନିହାର ଦାସ, ଏଚ୍‌ଏମ୍‌ଏସ୍‌ରୁ ଶଶଧର ନାୟକ, ପ୍ରମୋଦ ଦାସ, ଏଆଇଟିୟୁସିରୁ ସଦାନନ୍ଦ ସାହୁ, ଏଆଇୟୁଟିୟୁସିରୁ ଅଜିତ ନାୟକ ଓ ବିଷ୍ଣୁ ପଣ୍ଡା, ଏଆଇସିସିଟିୟୁ ନିତ୍ୟ କିଶୋର ମହାନ୍ତି ଓ ରାଜା ମୁନ୍ନା ପ୍ରମୁଖ ଉପସ୍ଥିତ ରହି ଜୁଲାଇ ୯ ଦେଶବ୍ୟାପୀ ଧର୍ମଘଟକୁ ସୁନ୍ଦରଗଡ଼ ଓ ରାଉରକେଲାରେ ସଫଳ କରିବା ପାଇଁ ଆହ୍ୱାନ୍ ଦେଇଥିଲେ । ତେବେ ଜରୁରୀ ସେବାକୁ ଧର୍ମଘଟରୁ ବାଦ୍ ଦିଆଯିବ ବୋଲି କୁହାଯାଇଛି । ଜିଲ୍ଲାର ଇସ୍ପାତ, ଖଣି, ଠିକା, ଶିଳ୍ପ, କୋଇଲା, ନିର୍ମାଣ, ଆଶା, ଅଙ୍ଗନବାଡ଼ି, ପାଚିକା, ଗାଁ ସାଥୀ ପ୍ରଭୃତି ସ୍କିମ୍ ଶ୍ରମିକ, ପରିବହନ ଶ୍ରମିକ, ସପସ ଏଣ୍ଡ କମର୍ସିଆଲ୍ ଶ୍ରମିକ ସମେତ ହଜାର ହଜାର ଶ୍ରମିକ ଏଥିରେ ସାମିଲ୍ ହେବେ ବୋଲି ସୂଚନା ଦିଆଯାଇଛି । ସେହିପରି ଏହି ଧର୍ମଘଟରେ ସାମିଲ ହେବାକୁ ଜନସାଧାରଣ, ଛାତ୍ର, ଯୁବ, ମହିଳା, କର୍ମଚାରୀ ସକଳ ସ୍ତରର ଜନସାଧାରଣଙ୍କୁ ଆହ୍ୱାନ୍ କରାଯାଇଛି ।

# ରାୟପୁର ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ବାହୁଡ଼ା ଯାତ୍ରା

**ରାୟପୁର, ନ୍ୟୁଜ୍ ବ୍ୟୁରୋ**

ରାୟପୁରର ଗାୟତ୍ରୀ ନଗରରେ ଥିବା ଛତିଶଗଡ଼ର ସର୍ବବୃହତ ଜଗନ୍ନାଥ ମନ୍ଦିର ଠାରେ ପବିତ୍ର ବାହୁଡ଼ା ଯାତ୍ରା ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ କରୁଥିବା ମନ୍ଦିରର ବେସ୍‌ମେଣ୍ଟ ସ୍ଥିତ ମାଉସୀ ମା' ଘରର ଆଡ଼ପ ମଣ୍ଡପ ସାମ୍ନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅପରାହ୍ନ ସୁଦ୍ଧା ସମ୍ପନ୍ନ କରାଯାଇଥିଲା । ପାଞ୍ଚଟା ବେଳେ ଚାରି ଠାକୁରଙ୍କୁ ବାଦ୍ୟ, କୀର୍ତ୍ତନର ତାଳେ ତାଳେ ଧାଡ଼ି ପହଣ୍ଡି କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ସୁନ୍ଦର, ସୁଶୋଭିତ ଓ ରଙ୍ଗବେରଙ୍ଗ କପଡ଼ାରେ ସୁସଜ୍ଜିତ ତିନି ରଥ ଉପରକୁ ନିଆଯାଇଥିଲା । ଏହାପରେ ବିଶିଷ୍ଟ ଅତିଥି ବୃନ୍ଦ ଛତିଶଗଡ ବିଧାନ ସଭାର ବିରୋଧୀ ଦଳର ନେତା ଚରଣ ଦାସ ମହନ୍ତ, ଭାଜପା ନେତା ରମେଶ ଠାକୁର, ରାୟପୁର ମ୍ୟୁନିସିପାଲିଟିର ସଭାପତି ସୂର୍ଯ୍ୟକାନ୍ତ ରାଠୋଡ଼ ଏବଂ ହରିଭୂମିର ମୁଖ୍ୟ ସମ୍ପାଦକ ହିମାଂଶୁ ଦ୍ୱିବେଦୀ ପ୍ରମୁଖ ପାରମ୍ପରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ମନ୍ଦିରର ପ୍ରତିଷ୍ଠାତା ଏବଂ ସ୍ଥାନୀୟ ବିଧାୟକ ପୁରନ୍ଦର ମିଶ୍ର ସେମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ସନ୍ଧ୍ୟା ସାଢେ ପାଞ୍ଚଟା ସମୟରେ ରଥ ଟଣାର ଶୁଭାରମ୍ଭ କରାଯାଇଥିଲା । ଉପସ୍ଥିତ ଭକ୍ତମାନଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ,



କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହ ଗହ ନାଦ ତଥା ଭଜନ, କୀର୍ତ୍ତନର ମୃଦୁମନ୍ଦ ଆବାଜ ମଧ୍ୟରେ ମନ୍ଦିର ବେଢ଼ା ସାମନାରେ ରାଜକୀୟ ଠାଣିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କର ବଡ଼ ଭାଇ ଶ୍ରୀ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କର ରଥ ଗୁଡ଼ିକ ଗଡି ଗଡି ଚାଲିବାର ଦୃଶ୍ୟ ଅନନ୍ୟ ଓ ଅଭୁଲା ଥିଲା । ସନ୍ଧ୍ୟା ୬ଟା ସୁଦ୍ଧା ବେଢ଼ା ଚତୁଃପାର୍ଶ୍ୱ ଭ୍ରମଣ କରି ରଥ ଗୁଡ଼ିକ ମୁଖ୍ୟ ମନ୍ଦିର ସାମ୍ନାକୁ ଆସିଯାଇଥିଲା । ଏଠାରେ ରହି ଥିବା ମହାଲକ୍ଷ୍ମୀ ପୂର୍ବରୁ ପ୍ରସ୍ତୁତ ଥାଇ ବଡ଼ ଠାକୁରଙ୍କ ମନ୍ଦିର ପ୍ରବେଶକୁ ରୋକି ଥିଲେ । କାରଣ ତାଙ୍କୁ ରଥଯାତ୍ରାରେ ସାମିଲ କରାଯାଇନଥିଲା । ଶ୍ରୀ ଜଗନ୍ନାଥ ଅବିଳମ୍ବେ ସୁସ୍ୱାଦୁ ରସଗୋଲା ପ୍ରଦାନ କରି ମାଆଙ୍କର ମାନଭଞ୍ଜନ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ଏହି ଉପାଖ୍ୟାନର ନାଟକୀୟ ରୂପକରଣ ମଞ୍ଚସ୍ଥ କରାଯାଇଥିଲା । ସନ୍ଧ୍ୟା ୭ଟା ବେଳେ ସାହି ରୋଷଣୀ କରାଯାଇ ଶ୍ରୀ ଜୀଉମାନଙ୍କୁ ମନ୍ଦିର ମଧ୍ୟକୁ ନିଆଯାଇ ରତ୍ନ ସିଂହାସନରେ ଆସୀନ କରାଯାଇଥିଲା । ବାହୁଡ଼ା ଯାତ୍ରାର ସମଗ୍ର ଆୟୋଜନକୁ ସୁଚାରୁରୂପେ ସମ୍ପନ୍ନ କରିବାରେ ମନ୍ଦିର ପରିଚାଳନା କମିଟିର ସଂରକ୍ଷକ ବୃନ୍ଦ ଯଥା ସଭାପତି ପୁରନ୍ଦର ମିଶ୍ର, ସଦସ୍ୟ ମନ୍ମଥ କୁମାର ରାଉତ, ସୁବ୍ରତ ସାହୁ, ସୁବାସ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ, ଦ୍ୱାରିକାଧୀଶ ମିଶ୍ର, ଗୁଣନିଧି ମିଶ୍ର, ଅଶୋକ ଦୁବେ, ଲଳିତ ପ୍ରଧାନ ଓ ପ୍ରକାଶ ଦାସ ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା । ଚଳିତ ଥର ରଥଯାତ୍ରାର ସଫଳତା ପାଇଁ ରାୟପୁର ନଗର ଉତ୍ତର ନିର୍ବାଚନ ମଣ୍ଡଳୀର ସମସ୍ତ ଭାଜପା ନେତା, କାର୍ଯ୍ୟକର୍ତ୍ତା ଓ କର୍ପୋରେଟର ବିଶେଷ କରି ଯୁବ ଓ ମହିଳା ସମ୍ପ୍ରଦାୟ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଥିଲେ ।

## ଜାରକାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଦାବି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଜାରକା ସହାରାଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଛି । ଏଠାରେ ମାଳମାଳ ଘରୋଇ ଚିକିତ୍ସାଳୟ କିନ୍ତୁ ଜନସାଧାରଣଙ୍କୁ ଠିକ୍ ସ୍ୱାସ୍ଥ୍ୟସେବା ମିଳୁନାହିଁ । ଜାରକାରେ ଦୀର୍ଘ ଦିନ ରହି ଚିକିତ୍ସା କରୁଥିବା ସୁନାମଧନ୍ୟ ଡାକ୍ତର ରମେଶଚନ୍ଦ୍ର ସାହୁଙ୍କ ବିୟୋଗ ପରେ ରୋଗୀ ଉତ୍ତମସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି । ସାଧାରଣ କଥାରେ ଏଠାରୁ ୨କିମି ଦୂର ଧର୍ମଶାଳା ଗୋଷ୍ଠୀ ଉପରେ ସମସ୍ତେ ନିର୍ଭର କରୁଛନ୍ତି । ୧୬ନଂ ଜାତୀୟ ରାଜପଥର ଗୁରୁତର ଆହତଙ୍କୁ ଆଶୁ ଚିକିତ୍ସା ପାଇଁ କୌଣସି ସରକାରୀ ସୁବିଧା ନାହିଁ । ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଜାରକା ପ୍ରଶାସନିକ କେନ୍ଦ୍ରସ୍ଥଳ ହୋଇଥିବାରୁ ଏଠାରେ ତୁରନ୍ତ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି ।



# ମୃତ ସାମ୍ବାଦିକଙ୍କ ଅସହାୟ ପିତାମାତାଙ୍କୁ ମାସିକ ଭତ୍ତା ଦେଲା ପ୍ରେସ୍ ୟୁନିଅନ୍

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ ଜିଲ୍ଲାର ପ୍ରେସ୍ ୟୁନିଅନ୍ ତରଫରୁ ସ୍ୱର୍ଗତଃ ସାମ୍ବାଦିକ ରାଜୀବ ଲୋଚନ ପଣ୍ଡାଙ୍କ ପିତାମାତାଙ୍କୁ ମାସିକ ଭତ୍ତା ଦେଇଥିବା ଦେଖିବାକୁ ମିଳିଛି । ଗତ ମଇ ମାସ ପାଞ୍ଚ ତାରିଖରେ ୟୁନିଅନ୍‌ର ସଭ୍ୟ ରାଜୀବଙ୍କ ମୃତ୍ୟୁ ହୋଇଥିଲା । ମୃତ୍ୟୁ ପରେ ୟୁନିଅନ୍ ତରଫରୁ ପ୍ରଥମେ ତାଙ୍କ ଦ୍ୱାଦଶ ଦିବସରେ ୪୦ ହଜାର ଟଙ୍କା ଆର୍ଥିକ ସହାୟତା କରାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ରାଜୀବଙ୍କ ପିତା ମାତାଙ୍କ ଅସହାୟତାକୁ ଉପଲବ୍ଧି କରି ୟୁନିଅନ୍ ତରଫରୁ ତାଙ୍କୁ ମାସିକ ଭତ୍ତା ଦିଆଯିବ ବୋଲି ୟୁନିଅନ୍‌ର ନିଷ୍ପତିକ୍ରମେ ୟୁନିଅନ୍ ନବମ ବାର୍ଷିକ ଉତ୍ସବରେ ଘୋଷଣା କରାଯାଇଥିଲା । ୟୁନିଅନ୍‌ର ନିଷ୍ପତି ମୁତାବକ ବୃଦ୍ଧ ପିତାମାତାଙ୍କୁ ଶୁକ୍ରବାର ୪ ତାରିଖ ଦିନ ପଦ୍ମପୁର ନିକଟସ୍ଥ ଖୀଲିଙ୍ଗି ରାଇ ଗ୍ରାମରେ ରହୁଥିବା ପିତାମାତାଙ୍କ ପାଖରେ ୟୁନିଅନ୍‌ର ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାଶ ଓ ସାଧାରଣ ସମ୍ପାଦକ ଶିବାଜୀ ଦାଶ ସହ ସାମ୍ବାଦିକ ସୁଶାନ୍ତ ପ୍ରଧାନ ପହଞ୍ଚି ମାସକୁ ଏକ ହଜାର ହିସାବରେ ୧୧ ମାସର ୧୧ ହଜାର ବର୍ଷକର ଭତ୍ତା ବାବଦ ଟଙ୍କା ପିତା ଉଦୟ ପଣ୍ଡାଙ୍କ ହାତରେ ଦିଆଯାଇଥିଲା । ସେମାନେ ବଞ୍ଚିଥିବା ଯାଏ ୟୁନିଅନ୍ ତରଫରୁ ତାଙ୍କୁ ଭତ୍ତା ଦିଆଯିବ । ଏଥିସହ ୟୁନିଅନ୍ ଏକ ବଡ ପରିବାର ଭଳି ତେଣୁ ପରିବାରର, ସଭ୍ୟଙ୍କ ଅସହାୟତା ସମୟରେ ୟୁନିଅନ୍ ପଛରେ ସୁରକ୍ଷା କବଚ ଭଳି ରହିଛି ବୋଲି କହିଥିଲେ ସାଧାରଣ ସମ୍ପାଦକ ।

## କୁକୁଡ଼ା ଫାର୍ମର କାନ୍ଥ ପଡ଼ି ଦୁଇ ମହିଳାଙ୍କ ମୃତ୍ୟୁ:ଜଣେ ଶିଶୁକନ୍ୟା ଆହତ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଲଖନା ଥାନା ଅନ୍ତର୍ଗତ ଶିଲଭା ପଞ୍ଚାୟତ ପଟକରପାଲି ଗ୍ରାମରେ ଏକ କୁକୁଡ଼ା ଫାର୍ମରେ କାନ୍ଥ ପଡ଼ି ଦୁଇ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଶିଶୁ କନ୍ୟା ଗୁରୁତର ଆହତ ହୋଇଥିବା ଜଣାପଡିଛି । ରୂପେ ଶବର ଓ ବାଳମତି ଶବର ନାମକ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଛି । ଦିବାକର ଶବରଙ୍କ ପାଞ୍ଚ ବର୍ଷର ଝିଅ ଗୁରୁତର ଆହତ ହୋଇଛନ୍ତି । ୧୦୮ ଆମ୍ବୁଲାନ୍ସରେ ଆହତଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଜିଲ୍ଲାରେ ଲଗାଣ ଲଘୁଚାପ ଜନିତ ବର୍ଷା ପାଇଁ କାନ୍ଥ ପଡ଼ିଥିବା ଜଣାପଡିଛି ।

## ଅଗ୍ନି ଋଷି ଜ୍ଞାନ ପ୍ରାପ୍ତ ଋଗ ବେଦରେ ଜ୍ଞାନ ଚର୍ଚ୍ଚା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପରମାତ୍ମାଙ୍କ ଶାସନର ସମ୍ବିଧାନ ତଥା ଭାରତୀୟ ସଂସ୍କୃତିର ମୂଳାଧାର ହେଉଛି ବେଦ । ଏହା ବିଶ୍ୱର ପ୍ରାଚୀନତମ ସାହିତ୍ୟ । ସୃଷ୍ଟି ଆରମ୍ଭରୁ ଏହା ରଚିତ । ଏହାର ଅନ୍ୟ ନାମ ଶ୍ରୁତି । ଥିଙ୍କର୍ସ କ୍ଲବର ୧୨୫ ତମ ଆଭାସୀ ଆଲୋଚନାରେ ମୁଖ୍ୟଅତିଥି ଭାବେ ଉତ୍ତରାଖଣ୍ଡ ରାଜ୍ୟ ଡେରାଡୁନ୍ କନ୍ୟା ଆଶ୍ରମ ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଯୋଗଦେଇ ପ୍ରଥମ ରଚିତ ଅଗ୍ନି ଋଷି ଜ୍ଞାନ ପ୍ରାପ୍ତ ଋଗ ବେଦରେ ଜ୍ଞାନ ଚର୍ଚ୍ଚା ବିଷୟରେ ବିଶଦ ଭାବେ କହିଥିଲେ । ସଭାକୁ ସଂଯୋଜନା କରି ଥିଙ୍କର୍ସ କ୍ଲବ ସଭାପତି ବରଦା ଦାସ କହିଲେ ବିଭିନ୍ନ କାରଣରୁ ବେଦ ଆଜି ସମାଜ ଠାରୁ ଦୂରେଇ ଯାଇଛି । ମାତ୍ର ଏହା ଆର୍ଯ୍ୟ, ହିନ୍ଦୁ ଧର୍ମର ଝଲକ ଅଟେ । ପାଶ୍ଚାତ୍ୟ ଦେଶବାସୀଙ୍କ ସମ୍ମୁଖରେ ଆଜି ମଧ୍ୟ ଭାରତ ବର୍ଷର ମଥା ବେଦାଦି ଶାସ୍ତ୍ର ଯୋଗୁ ଉନ୍ନତ ଅଟେ । ଆଲୋଚନାରେ ଡାକ୍ତର ଗୋପାଳ ଚନ୍ଦ୍ର ଦାସ, ଉମାଶଙ୍କର ମିଶ୍ର, ଦିଲ୍ଲୀରୁ ବିରଞ୍ଚି ମହାପାତ୍ର, ଉଷା ଅଗ୍ରୱାଲା, ନିମାଇଁ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରି ବେଦର ପ୍ରଚାର ପ୍ରସାର ଉପରେ ସରକାର ଗୁରୁତ୍ୱ ଦେବାକୁ ମତ ପ୍ରକାଶ କରିଥିଲେ । ସଭାର ବୈଷୟିକ ପରିଚାଳନା ଜ୍ୟୋତି ମଲ୍ଲ କରିଥିଲେ । ଆଲୋଚନା ଟିୟୁଟ୍ୟୁବ୍‌ରେ ଉପଲବ୍ଧ । ପରବର୍ତ୍ତୀ ଆଲୋଚନା ଆସନ୍ତା ରବିବାର ବାୟୁ ଋଷି ଜ୍ଞାନ ପ୍ରାପ୍ତ ଯଜୁର୍ବେଦରେ କର୍ମ ଚର୍ଚ୍ଚା ଉପରେ ଅନୁଷ୍ଠିତ ହେବ । ଆଗ୍ରହୀ ଶ୍ରୋତାମାନେ ଯୋଗ ଦେଇପାରିବେ ।

# ବରିଷ୍ଠ ନାଗରିକଙ୍କ ହୋମିଓପ୍ୟାଥିକ ଚିକିତ୍ସା ଉପରେ ଗୁରୁତ୍ୱ

**କଟକ, ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ନାଗରିକମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ସର୍ବ ପୁରାତନ ଅନୁଷ୍ଠାନ ହୋପ୍-ଏଜେ ପକ୍ଷରୁ ମାସିକ ଆଲୋଚନା ଚକ୍ର ସ୍ଥାନୀୟ ସିଡିଏ ସେକ୍ଟର ୭ ସ୍ଥିତ ଆଶ୍ରୟ ଦି ସେଲ୍‌ଟର୍‌ର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି କିଶୋର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରର ଆଲୋଚ୍ୟ ବିଷୟ ହୋମିଓପାଥିକ ଚିକିତ୍ସା ବରିଷ୍ଠ ନାଗରିକ ମାନଙ୍କ ପାଇଁ କେତେ ଆବଶ୍ୟକ ଓ ଏହାର ଉପକାରିତା ସମ୍ପର୍କରେ ଡାକ୍ତର ଭାବଗ୍ରାହୀ ପତ୍ରୀ ସ୍ୱତନ୍ତ୍ର ଅତିଥି ରୂପେ ଯୋଗଦେଇ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ସାଧାରଣ ସମ୍ପାଦକ ରଂଜିତ ସାହୁ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ



ଦେଇଥିଲେ । ଏହି ଆଲୋଚନା ଚକ୍ରରେ ଟ୍ରଷ୍ଟର ପୃଷ୍ଟପୋଷକ ଉତ୍କଳ ଭୂଷଣ ରାଉତରାୟ, ପ୍ରମିଳା ଦାସବର୍ମା, ଶଶୀଭୂଷଣ ପ୍ରଧାନ, ବିତ୍ତ ସଚିବ କେଦାର ନାଥ ଜାଲି, ହିମାଂଶୁବାଳା ପଟ୍ଟନାୟକ, ବାବୁଲିଧର ନାୟକ, ଆଡ଼ଭୋକେଟ୍ ସି. କସ୍ତୁରୀ, ଇଂ କେ. କେ. ଦାସବର୍ମା, ଚିତ୍ତ ରଞ୍ଜନ ମହାନ୍ତି, ସରୋଜ କୁମାର ରାୟ, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଯୋଗଦେଇ ବିଶ୍ୱରେ ହୋମିଓପାଥିକ୍‌ର ଜନ୍ମଦାତା ଡାକ୍ତର ସାମୁଏଲ୍ ହନିମ୍ୟାନ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ବରିଷ୍ଠ ମାନଙ୍କ ଉଦ୍ଦେଶ୍ୟରେ ହୋମିଓପାଥିକ ଚିକିତ୍ସାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ବରିଷ୍ଠ ସଦସ୍ୟ ବଂଶୀଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧର୍ମଶାଳାରେ ବାହୁଡ଼ାଯାତ୍ରା ଶୃଙ୍ଖଳାର ସହ ସମ୍ପନ୍ନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି । ଧର୍ମଶାଳା ସ୍ଥିତ ମାଉସୀ'ମା ମନ୍ଦିର ଠାରୁ ଦିନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା । ରଥଯାତ୍ରା ସମନ୍ୱୟ କମିଟିର ସଭାପତି ଥାନା ଅଧିକାରୀ ରଞ୍ଜନ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ଧର୍ମଶାଳା ହାଟପଡିଆ ମନ୍ଦିରରୁ ପ୍ରଭୁ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ରଥରେ ବସି ଜଗନ୍ନାଥରୋଡ, ଶାନ୍ତିବଜାର, ବୁଦ୍ଧମୂର୍ତ୍ତି, ଜାରକାବଜାର ମଧ୍ୟରେ ଆସି ସନ୍ଧ୍ୟାରେ ଭଲୁଖାଇ ମନ୍ଦିର ନିକଟରେ ପହଞ୍ଚିଥିଲେ । ରାସ୍ତାରେ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ରଥ ଦଉଡି ଟାଣିଥିଲେ । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଭକ୍ତଙ୍କ ସହ ନିଜେ ରଥ ଟାଣିଥିଲେ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ କରାଯାଇଥିଲା । କମିଟିର କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି, ପୂର୍ବତନ ସିଡିଏମ୍‌ଓ ଡାକ୍ତର ବିଜୟ କୁମାର ଶତପଥୀ, ଇନରହୁଇଲର ମାଧୁରୀ ଶତପଥୀ, ମିନତି ସାହୁ, ଜଗନ୍ନାଥ ମନ୍ଦିର କମିଟିର ସଭାପତି କଳ୍ପତରୁ ସାହୁ, ମେଲଣ କମିଟି ସମ୍ପାଦକ ପ୍ରମୋଦ କୁମାର ଦାସ, ଗଗନ ବରାଳ, ମନ୍ଦିର କମିଟି ଉପସଭାପତି ପ୍ରଭୁଦତ୍ତ ଜେନା, ଉପଦେଷ୍ଟା ଅନିରୁଦ୍ଧ ରାଉତ, ଉପସଭାପତି ଜିତେନ୍ଦ୍ର ରାଉତ, ଅଭୟ କୁମାର ରାଉତ, ସହସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, ରାଜେଶ କୁମାରପାଳ ପ୍ରମୁଖ ଉପସ୍ଥରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ଏହି ବ୍ଲକ୍ ଅନ୍ତର୍ଗତ ଗଡମଧୁପୁର, କବାଟବନ୍ଧ, ବଳରାମପୁରଗଡ଼, ଭୁବନ, ନାଉପାଳ, ନରସିଂହପୁର ଠାରେ ବାହୁଡ଼ାଯାତ୍ରା ଶୃଙ୍ଖଳାର ଶହ ଶେଷ ହୋଇଯାଇଛି ।

# ମାହି @ 44



**ନୂଆଦିଲ୍ଲୀ**

କ୍ୟାପ୍ଟେନ୍ କୁଲ, ମାହି, ଥାଲା, ଦ ଗ୍ରେଟ୍ ମହେନ୍ଦ୍ର ସିଂହ ଧୋନୀ ୪୪ ବର୍ଷରେ ପାଦ ଥାପିଛନ୍ତି। କ୍ରିକେଟ ଦୁନିଆରେ ସେ ଅନେକ ରେକର୍ଡ କରିଛନ୍ତି। ୧୯୮୧ରେ ଜୁଲାଇ ୭ରେ ଝାଡ଼ଖଣ୍ଡରେ ଜନ୍ମଗ୍ରହଣ କରିଥିଲେ ମହେନ୍ଦ୍ର ସିଂହ ଧୋନୀ। ସୋମବାର ତାଙ୍କ ଜନ୍ମଦିନ। କ୍ରିକେଟ ଦୁନିଆରେ ସେ ଆଜି ବି ସୁପର ଆକ୍ଟିଭ। କ୍ରିକେଟ ନିଶାରେ ଟିଟି ଚାକିରି ଛାଡିଥିଲେ। ରେକର୍ଡ ପରେ ରେକର୍ଡ କରି ଫ୍ୟାନ୍ସଙ୍କ ହୃଦୟ ଜିତିଥିଲେ। ସେ କେବଳ ଜଣେ ନାମ ନୁହଁନ୍ତି ସମସ୍ତଙ୍କ ଇମୋସନ୍। ଜନ୍ମଦିନ ଅବସରରେ ମହେନ୍ଦ୍ର ସିଂହ ଧୋନୀଙ୍କ ବିଷୟରେ ଜାଣନ୍ତୁ କିଛି ଅଜଣା କଥା। ୧୯୮୧ରେ ଜୁଲାଇ ୭ରେ ଝାଡ଼ଖଣ୍ଡରେ ଜନ୍ମଗ୍ରହଣ କରିଥିଲେ ମହେନ୍ଦ୍ର ସିଂହ ଧୋନୀ। ତାଙ୍କ ଡାକ ନାମ ମାହି। କ୍ରିକେଟ ନିଶା ତାଙ୍କୁ ଏମିତି ଘାରିଲା ଯେ ଟିଟି ଚାକିରି ଛାଡ଼ିଦେଲେ। ୨୦୦୦ରେ ଏହି ପ୍ରତିଭାକୁ ଚିହ୍ନିଥିଲେ ରାହୁଲ ଦ୍ରାବିଡ଼। ୨୦୦୪, ୨୩ ଡିସେମ୍ବରରେ ଆରମ୍ଭ ହୁଏ ଜର୍ସି ନମ୍ବର ୭ର କାହାଣୀ। ବାଂଲାଦେଶ ବିପକ୍ଷରେ ଦିନିକିଆ ଡେବ୍ୟୁ କରିଥିଲେ ଧୋନୀ। ୨୦୧୪ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟରେ ପଦାର୍ପଣ କରିଥିଲେ ଏମ୍ଏସ୍ଡି। ୨୦୦୬ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟି-ଟ୍ୱେଣ୍ଟି ଡେବ୍ୟୁ କରିଥିଲେ ମାହି। ୨୦୧୯ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷ ଦିନିକିଆ ଖେଳି ଅବସର ନେଇଥିଲେ କ୍ୟାପ୍ଟେନ୍ କୁଲ୍। ୨୦୦୪ରୁ ୨୦୧୯ ଯାଏ ଭାରତୀୟ କ୍ରିକେଟକୁ ୧୫ ବର୍ଷ ଦେଇଛନ୍ତି ଏମ୍ଏସଡି। ଏବେ ସେ କେବଳ ଆଇପିଏଲ ଖେଳୁଛନ୍ତି। ସେ ୯୦ଟି ଟେଷ୍ଟ ମ୍ୟାଚ ଖେଳି ୪,୮୭୬ ରନ୍ କରିଛନ୍ତି। ୩୫୦ଟି ଦିନିକିଆ ଖେଳି ୧୦,୭୭୩ ରନ୍ ଓ ୯୮ଟି ଟି-୨୦ ଖେଳି ୧,୬୧୭ ସ୍କୋର କରିଛନ୍ତି। ଅପରାଜିତ ୧୮୩ ଦିନିକିଆରେ ତାଙ୍କର ଟପ୍ ସ୍କୋର ଥିଲା। ତାଙ୍କ ଅଧିନାୟକତ୍ୱରେ ଭାରତ ଆଇସିସିର ସବୁ ଟ୍ରଫି ଜିତିଛି। ୱିକେଟ୍ ମଝିରେ ଦୌଡ଼ିବା ଓ ପଛରେ ଚମତ୍କାର କାରିଗରୀ କରିବା ତାଙ୍କଠୁ ଭଲ ଆଉ କେହି କରିପାରିବେ ନାହିଁ। ୨୦୦୭ ଟି-୨୦ ବିଶ୍ୱ କପ୍ ଜିତାଇ ବିଦେଶ ମାଟିରେ ତ୍ରିରଙ୍ଗା ଉଡ଼ାଇଥିଲେ ସେ। ସେହିପରି ୨୮ ବର୍ଷ ପରେ ୨୦୧୧ରେ ଭାରତକୁ ବିଶ୍ୱ ବିଜୟୀ କରାଇଥିଲେ ମହେନ୍ଦ୍ର ସିଂହ ଧୋନୀ। ସତରେ ଏମ୍ଏସ ଧୋନୀ ଜଣେ ଅନଟୋଲ୍ଡ ଷ୍ଟୋରୀ। ତାଙ୍କୁ ବର୍ଣ୍ଣନା କରିବା ଅସମ୍ଭବ। ଭାରତୀୟ କ୍ରିକେଟ ପାଇଁ ତାଙ୍କର ଅବଦାନକୁ ସମ୍ମାନିତ କରି ୨୦୧୮ରେ ପଦ୍ମବିଭୂଷଣ, ୨୦୦୯ରେ ପଦ୍ମଶ୍ରୀ ଓ ୨୦୦୮ରେ ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଏମ୍ଏସ ଧୋନୀଙ୍କ ନାମରେ ୩ ଆଇସିସି ଟ୍ରଫି (୨୦୦୭ ଟି-ଟ୍ୱେଣ୍ଟି ବିଶ୍ୱକପ, ୨୦୧୧ ବିଶ୍ୱକପ, ୨୦୧୩ ଚମ୍ପିଅନ୍ସ ଟ୍ରଫି ରହିଛି। ଏମିତି କରିବାରେ ସେ ଏକମାତ୍ର ଅଧିନାୟକ। ତାଙ୍କ ନାମରେ ୫ଟି ଆଇପିଏଲ ଟ୍ରଫି ଜିତିବାର ରେକର୍ଡ ରହିଛି। ଏହି ରେକର୍ଡରେ ସେ ରୋହିତ ଶର୍ମାଙ୍କ ସହ ସମକକ୍ଷ ଅଛନ୍ତି। ଧୋନୀ ୬୦ ଟେଷ୍ଟ, ୨୦୦ ଦିନିକିଆ ଏବଂ ୭୨ଟି ଟି-ଟ୍ୱେଣ୍ଟିରେ ୱିକେଟ୍କିପିଙ୍ଗ କରିବାରେ ଏକମାତ୍ର ଅଧିନାୟକ। ଅଲଗା-ଅଲଗା ଫର୍ମାଟରେ ତାଙ୍କ ନାମରେ ଏହି ରେକର୍ଡ ରହିଛି। ଗୋଟିଏ ଦିନିକିଆ ମ୍ୟାଚ୍ରେ ସର୍ବାଧିକ ରନ୍ ଅପରାଜିତ ୧୮୩ ୱିକେଟ୍କିପର ହିସାବରେ କରିଛନ୍ତି ସେ। ୨୦୦୫ରେ ଶ୍ରୀଲଙ୍କା ବିପକ୍ଷରେ ଏହି ରେକର୍ଡ କରିଥିଲେ। ସେ ସବୁ ଫର୍ମାଟରେ ୫୩୮ ମ୍ୟାଚ୍ରେ ୧୯୫ ଷ୍ଟମ୍ପ ଆଉଟ୍ କରିଛନ୍ତି ଯାହା ସର୍ବାଧିକ। ସେ ମୋଟ୍ ୮୨୯ଟି ୱିକେଟ୍ ନେଇଛନ୍ତି। ଟେଷ୍ଟ, ଦିନିକିଆ ଓ ଟି-ଟ୍ୱେଣ୍ଟି ଇଣ୍ଟରନ୍ୟାସନାଲରେ ମୋଟ ୩୩୨ ମ୍ୟାଚରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଇଛନ୍ତି। ଯାହା ସର୍ବାଧିକ। ଧୋନୀ ୩୩୨ ମ୍ୟାଚ୍ରୁ ୧୭୮ ମ୍ୟାଚ୍ ଜିତିଛନ୍ତି। ୧୨୦ଟି ମ୍ୟାଚ୍ ହାରିଛନ୍ତି। ୬ ମ୍ୟାଚ୍ ଟାଇ ଓ ୧୫ଟି ଡ୍ର' ହୋଇଛି।

## କ୍ରିକେଟ ଜଗତର ଜଣେ ସଫଳ କ୍ୟାପ୍ଟେନ ମାହି

୧୯୮୧ ମସିହାରେ ଝାଡ଼ଖଣ୍ଡରେ ଜନ୍ମ ହୋଇଥିଲେ ଧୋନି। ୨୦୦୪ରେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ପାଦ ଥାପିଥିଲେ। ବାଂଲାଦେଶ ବିପକ୍ଷରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ୨୦୦୬ ଡିସେମ୍ବର ୧ରେ ଟି-୨୦ରେ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଭାରତୀୟ କ୍ରିକେଟକୁ ସେ ୧୭ ବର୍ଷ ଦେଇଛନ୍ତି। ୫୩୮ ମ୍ୟାଚ, ୧୭୨୬୬ ଅନ୍ତର୍ଜାତୀୟ ରନ୍, ୧୬ଟି ଶତକ, ୧୦୭ଟି ଅର୍ଦ୍ଧଶତକ, ୬୩୪ କ୍ୟାଚ, ୧୯୫ ଷ୍ଟମ୍ପିଙ୍ଗ ତାଙ୍କ ନାମରେ ରହିଛି।

ଅଧିନାୟକତ୍ୱ ଭାବରେ ୧୭୮ଟି ମ୍ୟାଚ୍ ବିଜୟୀ, ୩ଟି ଆଇସିସି ଟ୍ରଫି, ୨ଟି ଚାମ୍ପିଅନ୍ସ ଲିଗ୍ ଟି-ଟ୍ୱେଣ୍ଟି ଟ୍ରଫି, ୫ଟି ଆଇପିଏଲ ଟ୍ରଫି ହାତେଇବାରେ ଏମଏସଡିଙ୍କ ରେକର୍ଡ ରହିଛି। ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ୨୦୧୭ ଜାନୁଆରୀରେ ଅଧିନାୟକ ପଦ ଛାଡ଼ିଥିଲେ ଧୋନି। ସମସ୍ତ ଫର୍ମାଟରୁ ଅବସର ନେଇଥିଲେ ମଧ୍ୟ ଆଇପିଏଲରେ ସଂକ୍ରିୟ ରହିଛନ୍ତି।

## ମାହିଙ୍କ ଡାଏହାର୍ଡ ଫ୍ୟାନ, କେକ୍ କାଟି ପାଳିଲେ ଧୋନିଙ୍କ ୪୪ ତମ ଜନ୍ମଦିନ

**ନିମାପଡା(ପୁରୀ) ନ୍ୟୁଜ ବ୍ୟୁରୋ**

ମହେନ୍ଦ୍ର ସିଂ ଧୋନି... ଏ ନାମ ଖାଲି ଏକ ନାମ ନୁହେଁ ଏକ ଇମୋସନ। ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ସେ ଅବସର ନେଇଛନ୍ତି, କିନ୍ତୁ ଆଜି ବି ତାଙ୍କ ବ୍ୟାଟ ଚାଲିଲେ ଷ୍ଟାଡିୟମରେ ଛକା ଚୌକାର ବର୍ଷା ହେଉଛି। କ୍ୟାପଟେନ କୁଲ, ମାହି, ଏମଏସଡି ଏହି ନାମ କ୍ରିକେଟ ଫ୍ୟାନ୍ସ ପାଇଁ ଯେମିତି ଅଭୁଲା। ସୋମବାର ଭାରତୀୟ କ୍ରିକେଟର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ଜନ୍ମଦିନ। ୪୪ ବର୍ଷରେ ପଦାର୍ପଣ କରିଛନ୍ତି ମାହି। ଏହି ଅବସରରେ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବା ସହ ଜନ୍ମଦିନ ପାଳନ କରୁଛନ୍ତି ଫ୍ୟାନ୍ସ । ପୁରୀରେ ଧୋନିଙ୍କ ଜଣେ ଡାଏ ହାର୍ଟ ପ୍ରଶଂସକ ରହିଛନ୍ତି। ଯିଏକି ଜନ୍ମଦିନକୁ ଧୂମ୍ଧାମ୍ରେ ପାଳନ କରି ଚର୍ଚ୍ଚାକୁ ଆସିଛନ୍ତି। କେକ୍ କାଟିବା ସହ ଖୁସିରେ ଭୋଜି ଆୟୋଜନ କରିଛନ୍ତି। ଧୋନିଙ୍କ ଫ୍ୟାନ ହେଉଛନ୍ତି ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅନ୍ତର୍ଗତ ସିଙ୍ଗି ବ୍ରହ୍ମପୁର ପଞ୍ଚାୟତର ତାଇଲା ସାହି ଗ୍ରାମର ତପନ କୁମାର ପ୍ରଧାନ। ଘରକୁ ସ୍ଥାନୀୟ ଯୁବକମାନଙ୍କୁ ଡାକି କେକ୍ କାଟି ଧୋନିଙ୍କ ଦୀର୍ଘାୟୁ କାମନା କରିଛନ୍ତି। ସମସ୍ତ ହଳଦିଆ ରଙ୍ଗର ଟି-ସାର୍ଟ ପିନ୍ଧି ଜନ୍ମଦିନ ପାଳନ କରିଛନ୍ତି। ସାଙ୍ଗମାନଙ୍କୁ ମଧ୍ୟ ଭୋଜି ବାଣ୍ଟିଛନ୍ତି ତପନ। ତପନ ଧୋନିଙ୍କ ବଡ଼ ପ୍ରଶଂସକ ହୋଇଥିଲେ ମଧ୍ୟ କେବେ ସାକ୍ଷାତ୍ କରି ନାହାନ୍ତି। ସାକ୍ଷାତ୍ କରିନାହାନ୍ତି ସତ କିନ୍ତୁ ସେ ଫ୍ୟାନ୍ସ ଭାବେ ଯାହା କରିଛନ୍ତି ତାହା ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଦୁଇ ବର୍ଷ ତଳେ ନୂତନ ଭାବେ ନିର୍ମାଣ କରିଥିବା ନୂତନ ଗୃହର ନାମ ସେ ମାହି ହାଉସ୍ ରଖିଛନ୍ତି। ଧୋନି ଚେନ୍ନାଇ ଦଳରେ ଖେଳୁଥିବାରୁ ସେ ପୁରା ଘରର ରଙ୍ଗ ହଳଦିଆ କରିଛନ୍ତି । ଏଥ ସହ ଘରର କାନ୍ଥରେ ଧୋନିଙ୍କୁ ଚିତ୍ରିତ କରିଛନ୍ତି ।

ତପନ କୁମାର ପ୍ରଧାନ କହିଛନ୍ତି, 'ଧୋନିଙ୍କ ନାମରେ ମୋ ଘରର ନାମ ରଖିଛି। ପୂର୍ବବର୍ଷ ମଧ୍ୟ ଜନ୍ମଦିନ ପାଳନ କରିଥିଲି। ମାହିଙ୍କ ପ୍ରତି ଭଲପାଇବା ଯୋଗୁଁ ଏପରି କାର୍ଯ୍ୟ କରୁଛି। ଧୋନିଙ୍କୁ ଦୂରରୁ ଦେଖିଛି ବହୁତ ଥର। କିନ୍ତୁ ପାଖରୁ କେବେ ଦେଖିନି। ଆଗକୁ ମଧ୍ୟ କରିବି।'

# ଅନିମେଷଙ୍କ ନୂଆ ଜାତୀୟ ରେକର୍ଡ

## ୧୦.୧୮ ସେକେଣ୍ଡ୍‌ରେ ଦୌଡ଼ିଲେ ୧୦୦ ମିଟର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ଦ୍ରୁତତମ ଧାବକ ଅନିମେଷ କୁଜୁର ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କହିଛନ୍ତି। ସେ ଗ୍ରୀସର ଡ୍ରୋମିଆ ଅନ୍ତର୍ଜାତୀୟ ସ୍ପ୍ରିଣ୍ଟ ଓ ରିଲେ ମିଟ୍‌ରେ ୧୦୦ ମିଟରକୁ ୧୦.୧୮ ସେକେଣ୍ଡ ନେଇ ତୃତୀୟ ସ୍ଥାନରେ ରହିଥିଲେ। ପ୍ରଥମ ଥର କୌଣସି ଭାରତୀୟ ୧୦୦ ମିଟରରେ ୧୦.୨୦ ସେକେଣ୍ଡ ମଧ୍ୟରେ ଦୌଡ଼ିବାର ରେକର୍ଡ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଭିନନ୍ଦନ ଜଣାଇଛନ୍ତି। ଅନିମେଷ କଳିଙ୍ଗ ଷ୍ଟାଡିୟମରେ ଥିବା ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ଆଥଲେଟିକ୍ସ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରରେ ପ୍ରଶିକ୍ଷଣ ନେଉଛନ୍ତି। ସେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିଥାନ୍ତି। ଅନିମେଷ ତୃତୀୟ ସ୍ଥାନରେ ରହିଥିବାବେଳେ ଦକ୍ଷିଣ ଆଫ୍ରିକାର ବେଞ୍ଜାମିନ ରିଚାର୍ଡସନ୍ (୧୦.୦୧ ସେକେଣ୍ଡ) ସ୍ୱର୍ଣ୍ଣ ଏବଂ ଓମାନର ଅଲି ଅନୱାର ଅଲ-ବାଲୁସି (୧୦.୧୨ ସେକେଣ୍ଡ) ରୌପ୍ୟ ପଦକ ଜିତିଛନ୍ତି। ଗ୍ରୀସରେ ଆୟୋଜିତ ହେଉଥିବା ଡ୍ରୋମିଆ ଇଣ୍ଟରନ୍ୟାସନାଲ ସ୍ପ୍ରିଣ୍ଟ ଏବଂ ରିଲେ ମିଟ୍ ରେ ପୁରୁଷ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ୧୦.୧୮ ସେକେଣ୍ଡର ଜାତୀୟ ରେକର୍ଡ ସ୍ଥାପନ କରି ରାଜ୍ୟ ତଥା ଦେଶକୁ ଗର୍ବିତ କରାଇଥିବା ଓଡ଼ିଆ ଧାବକ ଅନିମେଷ କୁଜୁରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବେଙ୍ଗାଲୁରୁରେ ଆୟୋଜିତ ଗତ ଇଣ୍ଡିଆନ ଗ୍ରାଁପ୍ରି-୧ରେ ଅନିମେଷ ପୂର୍ବ ରେକର୍ଡ ଭଙ୍ଗ କରି ନୂଆ ରେକର୍ଡ (୧୦.୨୦ ସେକେଣ୍ଡ) କରିଥିଲେ। ସେ ଗୁରିନ୍ଦରବୀର ସିଂଙ୍କ ରେକର୍ଡ ଭାଙ୍ଗିଥିଲେ। ନିଜର ଟାଇମିଂରେ ସୁଧାର ଆଣିଥିବାରୁ ଅନିମେଷ ବେଶ୍ ଖୁସି ପ୍ରକାଶ କରିଛନ୍ତି। ୪ ଗୁଣା ୧୦୦ ମିଟର ରିଲେ ଦଳ ଚଣ୍ଡୀଗଡ଼ରେ ଆୟୋଜିତ ଜାତୀୟ ରିଲେ ପ୍ରତିଯୋଗିତାରେ ନୂଆ ରେକର୍ଡ (୩୮.୬୯) ପ୍ରତିଷ୍ଠା କରିଥିଲେ। ସେ ଏହି ଦଳର ସଦସ୍ୟ ଥିଲେ। ଗ୍ରୀସ୍‌ରେ ଓଡ଼ିଆ ଆଥଲେଟ୍ ଲାଲୁ ପ୍ରସାଦ ଭୋଇ ଓ ମୃତ୍ୟୁଞ୍ଜୟ ଜୟରାମ ଦଣ୍ଡପତି ମଧ୍ୟ ୧୦୦ ମିଟରରେ ଦୌଡ଼ିଥିଲେ। ଫାଇନାଲ ଏ'ରେ ଲାଲୁ (୧୦.୪୨) ଚତୁର୍ଥ ଏବଂ ମୃତ୍ୟୁଞ୍ଜୟ (୧୦.୪୭) ପଞ୍ଚମ ସ୍ଥାନରେ ରହିଥିଲେ। ଅନିମେଷ ବି' ଫାଇନାଲରେ ଦୌଡ଼ିଥିଲେ। ୪ ଗୁଣା ୧୦୦ ମିଟର ରିଲେ ଦଳରେ ଲାଲୁ, ଜୟରାମ ଓ ଅନିମେଷ ସାମିଲ ରହିଥିଲେ। ଏହି ଦଳ ୩୯.୯୯ ସେକେଣ୍ଡ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲ।



## ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡାରେ ଓଡ଼ିଶା ପୋଲିସକୁ ୨୦ ପଦକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ୨୦୨୫ରେ ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ମାନେ ନିରନ୍ତର ଭାବେ ସଫଳତା ହାସଲ କରି ଚାଲିଛନ୍ତି। ଏହି କ୍ରମରେ ସୋମବାର ୨ ଜଣ ଯୁବ କ୍ରୀଡ଼ାବିତ୍ ଅଶୋକ ଦଣ୍ଡସେନା ଦୁଇଟି ସ୍ୱର୍ଣ୍ଣ ପଦକ ଏବଂ ସୁସ୍ମିତା ଟିଗା ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇ ଓଡ଼ିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ମାନେ ଗତ ଛଅ ଦିନ ମଧ୍ୟରେ ୧୩ଟି ସ୍ୱର୍ଣ୍ଣ ପଦକ, ୩ଟି ରୌପ୍ୟ ପଦକ ଓ ୪ ଟି ବ୍ରୋଞ୍ଜ ପଦକ ସହ ମୋଟ ୨୦ଟି ପଦକ ବିଜୟୀ ହୋଇ ଐତିହାସିକ ସଫଳତା ଲାଭ କରିଛନ୍ତି।

କନଷ୍ଟେବଲ ଅଶୋକ ଦଣ୍ଡସେନା ପୁରୁଷ ବିଭାଗ ୨୧ କିଲୋମିଟର ହାଫ ମାରାଥନ୍ ଦୌଡ଼ ଓ ୨୧ କିଲୋମିଟର ହାଫ ମାରାଥନ୍ ଦୌଡ (ଟିମ୍ ଇଭେଣ୍ଟ) ରେ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ସେ ୮୦୦ ମିଟର, ୧୫୦୦ ମିଟର, ୫୦୦୦ ମିଟର ଓ ୧୦୦୦୦ ମିଟର ଦୌଡ଼ ଓ ୩୦୦୦ ମିଟର ଷ୍ଟିପଲଚେଜ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଏବଂ ୪୦୦×୪୦୦ ରିଲେରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ।

ଅନୁରୂପ ଭାବେ କନଷ୍ଟେବଲ ସୁସ୍ମିତା ଟିଗା ମହିଳା ବିଭାଗ ୨୧ କିଲୋମିଟର ହାଫ ମାରାଥନ୍ ଦୌଡ଼ରେ ରୌପ୍ୟ ପଦକ ବିଜୟୀ ହୋଇ ଓଡ଼ିଶା ପୋଲିସ ପାଇଁ ଗୌରବ ଆଣିଛନ୍ତି। ପୂର୍ବରୁ ସେ ୧୫୦୦ ମିଟର ଦୌଡ଼ ଓ ୩୦୦୦ ମିଟର ଷ୍ଟିପଲଚେଜରେ ସ୍ୱର୍ଣ୍ଣ ପଦକ, ୮୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଏବଂ ୪୦୦×୪୦୦ ରିଲେରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଏହି ଯୁବ ଖେଳାଳିମାନଙ୍କ ନିଷ୍ଠା, ଆଗ୍ରହ, ଦୃଢ଼ତା ଏବଂ ପରିଶ୍ରମ ଦେଶ ତଥା ରାଜ୍ୟକୁ ଗର୍ବିତ କରିଛି।

ଏହି ଯୁବ କ୍ରୀଡ଼ାବିତ୍‌ମାନଙ୍କ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଅସାଧାରଣ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବା ସହ ଓଡ଼ିଶା ପୋଲିସର ସୁନାମ ବଢ଼ାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହୋଇଥାଏ । ଯେଉଁଥିରେ ପୋଲିସ, ଅଗ୍ନିଶମ ଏବଂ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହଜାର ଖେଳାଳି ଅଂଶଗ୍ରହଣ କରିଥାନ୍ତି।

## ସେପ୍ଟେମ୍ବରରେ 'ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍'

### ଭାଗ ନେବେ ୬ଟି ଟିମ୍: ଆଜିଠୁ ଇଓଆଇ ଉପଲବ୍ଧ ହେବ

**କଟକ, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ତୃଣମୂଳ ସ୍ତରରେ କ୍ରିକେଟର ବିକାଶ ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ୍(ଓସିଏ) ପକ୍ଷରୁ ଏକ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଏରିଭା ସ୍ପୋର୍ଟ୍ସ ସହଭାଗିତାରେ ଆସନ୍ତା ସପ୍ଟେମ୍ବରରେ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହେବ ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍ (ଓପିଟିଏଲ୍)। ଏଥିରେ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କିଣାଯିବ। ଓସିଏର ଆପେକ୍ସ କାଉନସିଲ ବୈଠକରେ ଲିଗ୍ ଆୟୋଜନ ସଂପର୍କରେ ଆଲୋଚନା ହୋଇଥିଲା। ସୋମବାର ଠାରୁ ଓସିଏର ଅଫିସିଆଲ ୱେବ୍‌ସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ (ଦି ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ) ଡକ୍ୟୁମେଣ୍ଟ ଉପଲବ୍ଧ ରହିବ ବୋଲି ଓସିଏ ତରଫରୁ ସୂଚନା ଦିଆଯାଇଛି। ଅତୀତରେ ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍) ଏବଂ ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ର ସଫଳତା ପରେ ରାଜ୍ୟ କ୍ରିକେଟ ସଂଘ ଏବେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ନୂଆ ଢାଞ୍ଚାରେ ଆୟୋଜନ କରୁଛି। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍ ଆୟୋଜନ କରିଥିବା ଏରିଭା ସ୍ପୋର୍ଟ୍ସ ଚଳିତ ବର୍ଷ ଠାରୁ ଓଡ଼ିଶାରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଦାୟିତ୍ୱ ସମ୍ଭାଳିବ। ରାଜ୍ୟର ବିଭିନ୍ନ ଅଞ୍ଚଳକୁ ନେଇ ୬ଟି ଦଳ ଗଠନ ହେବ।

ଓସିଏ ସମ୍ପାଦକ ସଞ୍ଜୟ କହିଛନ୍ତି, 'ରାଜ୍ୟରେ କ୍ରିକେଟର ଧାରାକୁ ବଦଳାଇବା କ୍ଷେତ୍ରରେ ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍ ସହାୟକ ହେବ। ପ୍ରତିଭାବାନ ଖେଳାଳିଙ୍କୁ ନେଇ ପେଶାଦାର ଢାଞ୍ଚାରେ ଲିଗ୍ ଖେଳାଯିବ। ଓଡ଼ିଶାରେ ଅନ୍ୟ କ୍ରୀଡ଼ା ଗୁଡ଼ିକର ଦୃଷ୍ଟାନ୍ତମୂଳକ ବିକାଶ ଘଟୁଛି, ଏବେ କ୍ରିକେଟର ପାଳି।'

ଓସିଏ ସହଯୋଗରେ ଉକ୍ତ ଲିଗ୍ ଆୟୋଜନ ନେଇ ଉତ୍ସାହିତ ଥିବା କହିଛନ୍ତି ଏରିଭା ସ୍ପୋର୍ଟସର କୋ-ଫାଉଣ୍ଡର ରଜନୀଶ ଚୋପ୍ରା। ସେ କହିଛନ୍ତି, 'ଓପିଟିଏଲ୍ କେବଳ କ୍ରୀଡ଼ା ଭିତ୍ତିକ ମନୋରଞ୍ଜନ ଯୋଗାଇବ ନାହିଁ, ବରଂ ଓଡ଼ିଶାରେ ତୃଣମୂଳ ସ୍ତରରୁ କ୍ରିକେଟର ବିକାଶ ଦିଗରେ କାର୍ଯ୍ୟ କରିବ। ଇଓଆଇ ତଥା ଦି ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ୍ ଡକ୍ୟୁମେଣ୍ଟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଓସିଏର ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିବ। ଓସିଏର ଆପେକ୍ସ କାଉନସିଲ ବୈଠକରେ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପ ସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ରାକେଶ ମହାନ୍ତି ଓ ଗୀତା ସାମନ୍ତରାୟ ଉପସ୍ଥିତ ଥିଲେ।



## ୱିମ୍ବଲଡନ୍ ଓପନ୍ : ଜୋକୋଭିକ୍‌ଙ୍କ ଶତକୀୟ ବିଜୟ

**ଲଣ୍ଡନ**

ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତା 'ୱିମ୍ବଲଡନ୍'ର ଅଲ୍ ଇଂଲଣ୍ଡ ଲନ୍‌ରେ ୭ଥର ବିଜେତା ସର୍ବିୟାର ନୋଭାକ ଜୋକୋଭିକ୍ ଶତକୀୟ ଏକକ ବିଜୟ ହାସଲ କରିଛନ୍ତି। ୨୫ତମ ଗ୍ରାଣ୍ଡସ୍ଲାମ୍ ବିଜୟ ଲକ୍ଷ୍ୟରେ ଥିବା ଏହି ମହାନ କ୍ରୀଡ଼ା ତାରକା ଚଳିତ ୱିମ୍ବଲଡନ୍‌ର ତୃତୀୟ ରାଉଣ୍ଡ୍‌ରେ ନିଜ ଦେଶର ମିଲୋମିର କେକମାନୋଭିକଙ୍କୁ ସିଧାସଳଖ ୬-୩, ୬-୦, ୬-୪ ସେଟ୍‌ରେ ପରାସ୍ତ କରି ଏହି ନିଆରା ରେକର୍ଡ କରିଛନ୍ତି। ଏଭଳି କରିବାରେ ଆମେରିକାର କିଂବଦନ୍ତି ମହିଳା ଟେନିସ୍ ତାରକା ମାର୍ଟିନା ନାଭ୍ରାତିଲୋଭା ଓ ସ୍ୱିଜରଲାଣ୍ଡର ସଫଳତମ ଟେନିସ୍ ଖେଳାଳି ରୋଜର ଫେଡେରରଙ୍କ ସହ ସମକକ୍ଷ ହୋଇଛନ୍ତି। ଏହି ରେକର୍ଡ ଛୁଇଁବା ପରେ ୩୮ ବର୍ଷୀୟ ଜୋକୋଭିକ କହିଛନ୍ତି, ଏହି ଐତିହାସିକ ମାଇଲ୍‌ଖୁଣ୍ଟ ଛୁଇଁ ବହୁତ ଖୁସି ଲାଗୁଛି।

## ଜିମ୍ବାୱେ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ୱିଆନ ମୁଲଡରଙ୍କ ରେକର୍ଡ ତ୍ରିଶତକ

**ନୂଆଦିଲ୍ଲୀ**

ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ୱିଆନ ମୁଲଡର ଜିମ୍ବାବେ ବିପକ୍ଷରେ ଦ୍ୱିତୀୟ ଓ ଶେଷ ଟେଷ୍ଟ ମ୍ୟାଚ୍‌ରେ ଟେଷ୍ଟ କ୍ରିକେଟ ଇତିହାସର ଦ୍ୱିତୀୟ ତ୍ରିଶତକ ରନ୍ ହାସଲ କରି ଇତିହାସ ରଚିଛନ୍ତି। ଏଥିସହିତ ପ୍ରଥମ ଅଧିନାୟକ ଭାବେ ଏହି ଅସାଧାରଣ କୀର୍ତ୍ତିମାନ ହାସଲ କରିଛନ୍ତି।

ମୁଲଡର ମାତ୍ର ୨୯୭ ବଲରେ ତିନି ଶହ ରନ୍ ସ୍ପର୍ଶ କରିଛନ୍ତି, ଯାହା ବିରେନ୍ଦ୍ର ସେହ୍ୱାଗଙ୍କ ୨୦୦୮ ମସିହାରେ ଚେନ୍ନାଇରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୭୮ ବଲରେ କରାଯାଇଥିବା ରେକର୍ଡଠାରୁ କେବଳ ପଛରେ ରହିଛି। ସେ ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଖେଳାଳି ଭାବେ ଟେଷ୍ଟରେ ତିନି ଶହ ରନ୍ କରିଛନ୍ତି, ପୂର୍ବରୁ ହାଶିମ ଆମଲା ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ଦ ଓଭାଲରେ ୩୧୧ ରନ୍ କରିଥିଲେ। ଦ୍ୱିତୀୟ ଦିନରେ ୨୬୪ ରନ୍‌ରୁ ଆରମ୍ଭ କରି ମୁଲଡର ଅଳ୍ପ ସମୟରେ ନିଜର ମାଇଲଷ୍ଟୋନ ହାସଲ କରିଥିଲେ। ତାଙ୍କ ଇନିଂସ ଅନେକ ରେକର୍ଡ ଭାଙ୍ଗିଛି। ସେ ଟେଷ୍ଟ ଅଧିନାୟକତ୍ୱରେ ପ୍ରଥମ ମ୍ୟାଚ୍‌ରେ ତିନି ଶହ ରନ୍ କରିଥିବା ପ୍ରଥମ ଖେଳାଳି ହେଲେ, ନ୍ୟୁଜିଲ୍ୟାଣ୍ଡର ଗ୍ରାହାମ ଡାଉଲିଂଙ୍କ ୧୯୬୯ରେ ଭାରତ ବିପକ୍ଷରେ



୨୩୯ ରନ୍‌ର ରେକର୍ଡକୁ ଭାଙ୍ଗି। ଏହାସହ ସେ ଗ୍ରାହେମ ସ୍ମିଥ୍‌ଙ୍କ ୨୦୦୩ରେ ଇଂଲଣ୍ଡ ବିପକ୍ଷରେ ୨୭୭ ରନ୍‌ର ରେକର୍ଡକୁ ଅତିକ୍ରମ କରି ଦକ୍ଷିଣ ଆଫ୍ରିକାର ଅଧିନାୟକ ଭାବେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଛନ୍ତି। ପ୍ରଥମ ଦିନରେ ତାଙ୍କର ୨୬୪ ରନ୍ ଦକ୍ଷିଣ ଆଫ୍ରିକାର ଜଣେ ଖେଳାଳିଙ୍କ ଦ୍ୱାରା ଏକ ଦିନରେ ସର୍ବାଧିକ ରନ୍ ଏବଂ ଟେଷ୍ଟର ପ୍ରଥମ ଦିନରେ ଯେକୌଣସି ବ୍ୟାଟ୍ସମ୍ୟାନଙ୍କ ଦ୍ୱାରା ଦ୍ୱିତୀୟ ସର୍ବାଧିକ ରନ୍ ଭାବେ ରେକର୍ଡ ହୋଇଛି।

୨୭ ବର୍ଷ ୧୩୮ ଦିନ ବୟସରେ ମୁଲଡର ଟେଷ୍ଟ ଅଧିନାୟକ ଭାବେ ତିନି ଶହ ରନ୍ କରିଥିବା ସବୁଠାରୁ ଯୁବ ଖେଳାଳି ହୋଇଛନ୍ତି, ଯାହା ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ବବ ସିମ୍ପସନଙ୍କ ୧୯୬୪ରେ ଇଂଲଣ୍ଡ ବିପକ୍ଷରେ ୩୧୧ ରନ୍‌ର ୬୧ ବର୍ଷ ପୁରୁଣା ରେକର୍ଡକୁ ଭାଙ୍ଗିଛି। ନିକଟରେ ଭାରତର ଶୁଭମନ ଗିଲ ଏଡ଼ଗବାଷ୍ଟନରେ ୨୬୯ ରନ୍‌ରେ ଆଉଟ ହୋଇ ଏହି ରେକର୍ଡ ମିସ୍ କରିଥିଲେ।

ନମ୍ବର ୩ରେ ବ୍ୟାଟିଂ କରି ମୁଲଡର ଦକ୍ଷିଣ ଆଫ୍ରିକାର ଇନିଂସକୁ ସ୍ଥିରତା ପ୍ରଦାନ କରିଥିଲେ। ସେ ଡେଭିଡ୍ ବେଡିଂହାମଙ୍କ ସହ ୧୮୪ ରନ୍ ଓ ଲୁଆନ-ଡ୍ରେ ପ୍ରିଟୋରିଅସଙ୍କ ସହ ୨୧୭ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ କରିଥିଲେ, ଯାହା ଜିମ୍ବାବେର ପ୍ରଥମେ ବୋଲିଂ ନିଷ୍ପତ୍ତି ପରେ ଦକ୍ଷିଣ ଆଫ୍ରିକାକୁ ମ୍ୟାଚ୍‌ରେ ପୂର୍ଣ୍ଣ ନିୟନ୍ତ୍ରଣ ଦେଇଥିଲା। ତାଙ୍କର ଦୁଇ ଶହ ରନ୍ ମାତ୍ର ୨୧୪ ବଲରେ ଆସିଥିଲା, ଯାହା ଦକ୍ଷିଣ ଆଫ୍ରିକାର ଦ୍ୱିତୀୟ ଦ୍ରୁତତମ ଦୁଇ ଶହ ରନ୍, ହର୍ସେଲ ଗିବ୍ସଙ୍କ ୨୦୦୩ରେ ପାକିସ୍ତାନ ବିପକ୍ଷରେ ୨୧୧ ବଲରେ କରାଯାଇଥିବା ରେକର୍ଡଠାରୁ କେବଳ ପଛରେ।

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III
BHUBANESWAR
bbsrrandb03@yahoo.com
B-276
60Estg.No - 4741    Date – 05/07/2025
Government of Odisha "e"-Procurement Notice No ( 12 ) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | 1) Civil (building) work<br>2) E.I. (Road) Work |
| 2 | Total No of works | 2nos work |
| 3 | Estimated Cost | i) Rs. 14,40,395/-, ii) Rs. 18,10,977/- |
| 4 | Class of Contractor | Sl No 1 - "D & C" Class Contractor, Sl No 2 – "HT" Class Contractor |
| 5 | Period of Completion | 2 (two ) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 09/07/2025 at 11.30 A.M. to 18/07/2025 at 5.30 P.M. |
| 8 | Last Date & Time for Receipt of bids in the Portal | 18/07/2025, upto 5.30 P.M. |
| 9 | Name & Address, of the Officer inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
N.B: Subsequent corrigendum / addendum if required shall be available in the website as indicated above
Sd/- Superintending Engineer
BBSR (R&B) Division No-III, BBSR
OIPR-34185/11/0004/2526

GOVERNMENT OF ODISHA
OFFICE OF THE PANCHAYAT SAMITI, BEGUNIA
"e" Procurement Notice
i-195

1.Name of the Work :
I. Construction of GPLF Office building with market complex at Govindapur GP under Begunia Block
II. Construction of GPLF Office building with market complex at Kunjuri GP under Begunia Block
III. Construction of GPLF Office building with market complex at Sarua GP under Begunia Block
IV. Construction of GPLF Office building with market complex at Kantabada GP under Begunia Block
V. Construction of GPLF Office building with market complex at Haja GP under Begunia Block
VI. Construction of GPLF Office building with market complex at Begunia GP under Begunia Block
2. Total Number of Works : 06 No
3. Estimated Cost : Rs. 22, 58,456.00 Each
4. Class of Contractor : C & Equivalent
5. Period of Completion : 6 Calender Months
6. Availability of Tender for online : Dt. 09.07.2025 at 11.00 A.M to Dt.21.07.2025 at 5.00 PM
7. Last date & time of seeking : Dt.18.07.2025 at 5.00 PM
8. Date & time of opening of tender : Dt.22.07.2025 at 11 AM
Further details can be seen from the website www.tendrodisha.gov.in
Sd/- Block Development Officer
Begunia
OIPR-19302/11/0010/2526

ଭୁବନେଶ୍ୱର
୦୮ ଜୁଲାଇ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଏମକେସିଜିରେ ନୂତନ ଅଧୀକ୍ଷକ ହେଲେ ପ୍ରଫେସର ଦୁର୍ଗା ମାଧବ ଶତପଥୀ

**ବ୍ରହ୍ମପୁର, ୭।୭ ନ୍ୟୁଜ ବ୍ୟୁରୋ**



ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସପିଟାଲ ନୂତନ ଅଧୀକ୍ଷକ ହେଲେ ପ୍ରଫେସର ଦୁର୍ଗା ମାଧବ ଶତପଥୀ। ସେହିପରି ମେଡିକାଲ କଲେଜ ଡିନ୍ ଭାବେ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ସୁଚିତ୍ରା ଦାଶ ପୂର୍ବରୁ ଏମକେସିଜି ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଥିଲେ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ

**ପୁରୀ, ୭/୭ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ପରେ ଏଏସଆଇ ଶ୍ରୀମନ୍ଦିର ପ୍ରଶାସନକୁ ଚାବି ହସ୍ତାନ୍ତର କରିଛି। ପ୍ରାୟ ଦୁଇଶହ କିମ୍ବା ତିନି ଶହ ବର୍ଷ ପାଇଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯାଇଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି।



୨୦୨୪ ଜୁଲାଇ ୧୪ରୁ ଭିତର ଓ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା। ରତ୍ନ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା। ୧୭ ଡିସେମ୍ବର ୨୦୨୪ରୁ ଆରମ୍ଭ ହୋଇଥିଲା ରତ୍ନଭଣ୍ଡାର ମରାମତି କାର୍ଯ୍ୟ। ୬ ମାସ ଧରି ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଜାରି ରହିଥିଲା। ମହାପ୍ରଭୁଙ୍କ ବିଭନ୍ନ ନୀତି କାନ୍ତି ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ମରାମତି କାର୍ଯ୍ୟ ବନ୍ଦ ରଖାଯାଇଥିଲା। ୯୫ ଦିନ ଧରି ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଚାଲିଥିବା ବେଳେ ୩୩୨ ଘଣ୍ଟା ୪୭ ମିନିଟ କାର୍ଯ୍ୟ ହୋଇଛି। ଭିତର ରତ୍ନଭଣ୍ଡାରର ନଷ୍ଟ ହୋଇଥିବା ପଥରଗୁଡିକ ବଦଳା ଯାଇଛି। ବାହାର ରତ୍ନଭଣ୍ଡାରରେ ବର୍ମାଟିକ କାଠରେ କବାଟ ଲଗାଯାଇଥିବା ବେଳେ ଏହାକୁ ଖୁବ୍‌ଶୀଘ୍ର ରୂପା ଛାଉଣୀ କରାଯିବ। ସେହିପରି ଭିତର ରତ୍ନଭଣ୍ଡାର କବାଟକୁ ସୁନା ଛାଉଣୀ ମଧ୍ୟ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢୀ। ରତ୍ନଭଣ୍ଡାରରେ ୬ ଟି ତାଲା ପଡିଛି। ତେବେ ଚାବିଗୁଡ଼ିକ ଭଣ୍ଡାର ମେକାପ, ଗଜପତିଙ୍କ ପ୍ରତିନିଧି, ଭଣ୍ଡାର ମେକାପଙ୍କ ପାଖରେ ରଖାଯାଇଛି। ଭିତର ଓ ବାହାର ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ। ରତ୍ନଭଣ୍ଡାରର ସ୍ଥାୟୀ ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯାଇଛି। ୫୨୦ ପଥର ବଦଳା ଯାଇଛି। ରତ୍ନଭଣ୍ଡାର ଅଳଙ୍କାରଗୁଡିକ ମୂଳ ଭଣ୍ଡାରକୁ ଆଣିବା ପାଇଁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ଡ. ପାଢୀ। ସେପଟେ ଏଏସଆଇ ଅଧିକ୍ଷକ ଡି. ବି ଗଡ଼ନାୟକ ସୂଚନା ଦେଇଛନ୍ତି ୫୨୦ ଟି ଛୋଟ ଓ ବଡ ପଥର ସ୍ଥାପନ କରାଯାଇଛି। ବାହାର ରତ୍ନଭଣ୍ଡାର ରୂପା ଛାଉଣୀ ଶେଷ ହୋଇଛି। ଭଲ ଭାବେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯାଇଛି। ୧୫ଟି ଷ୍ଟେନଲେସ ଷ୍ଟିଲ ବିମ୍ ଲାଗିଛି।



ଭୁବନେଶ୍ୱର : ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ନେଇ ଭାବ ଏବଂ ଭକ୍ତିରେ ଭରା ଶ୍ରୀଜଗନ୍ନାଥ ସିରିଜର ୨୪ତମ ପୁସ୍ତକ "ଅମୃତ ପୁରୁଷ ଶ୍ରୀଜଗନ୍ନାଥ"କୁ ପୁସ୍ତକର ସମ୍ପାଦକ ପୀତବାସ ରାଉତରାୟ 'ସମ୍ବାଦ କଳିକା' ଏବଂ 'କଥା କଳିକା'ର ସମ୍ପାଦକ ଜୟାଶୀଷ ରାୟଙ୍କୁ 'ସମ୍ବାଦ କଳିକା' କାର୍ଯ୍ୟାଳୟ ପରିସରରେ ପ୍ରଦାନ କରୁଛନ୍ତି।



ମୁମ୍ବାଇ : କୋକିଳାବେନ୍ ଧୀରୁବାଇ ଅମ୍ବାନୀ ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ଅବସରରେ ହସ୍ପିଟାଲର ଚିକିତ୍ସକମାନଙ୍କ ଗହଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

## ଓଆରଏସ୍ ଅଧିକାରୀଙ୍କୁ ଦୁର୍ବ୍ୟବହାର ଘଟଣାରେ ରାଜସ୍ୱ ମନ୍ତ୍ରୀଙ୍କ ସୂଚନା

# ଦୋଷୀଙ୍କୁ ପାତାଳରୁ ଖୋଜି ଦିଆଯିବ ଦଣ୍ଡ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବ୍ୟାସନଗରରେ ଓଆରଏସ୍‌ଙ୍କୁ ଦୁର୍ବ୍ୟବହାର ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ । ସେ କହିଛନ୍ତି ଯେ, ଯେଉଁମାନେ ଓଆରଏସ୍‌ଙ୍କୁ ମାଡ଼ ମାରିଛନ୍ତି, ସେମାନଙ୍କୁ ପାତାଳରୁ ବାହାର କରି ଦଣ୍ଡ ଦିଆଯିବ । ଜିଲ୍ଲାପାଳଙ୍କୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା, ବ୍ୟବସ୍ଥା ଉପରେ ଆକ୍ରମଣ ସହ ସମାନ । ସରକାରୀ ଅଧିକାରୀଙ୍କ ଉପରେ ହାତ ଉଠାଇବାର ଅଧିକାର କାହାର ନାହିଁ। ତୁରନ୍ତ ମାଡ଼ ମାରିଥିବା ବ୍ୟକ୍ତିଙ୍କ ବିରୋଧରେ ଏଫଆଇଆର୍ ଦିଆଯାଉ । ସେ ଆହୁରି ମଧ କହିଛନ୍ତି, ସରକାରୀ ଅଧିକାରୀ ନିକଟସ୍ଥ ପୁଲିସ ଥାନାକୁ ଯାଆନ୍ତୁ । ଏପରିକି ସରକାରୀ ଅଧିକାରୀ ଚାହିଁଲେ, ବ୍ୟକ୍ତିଗତ ଭାବେ ମୋତେ ଏଫଆଇଆର୍ କପି ଦେଇପାରିବେ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ । ଯଦି କୌଣସି ରାଜନୈତିକ ଲୋକ ଏହା ପଛରେ ଥିବେ, ତା'ହେଲେ ତାଙ୍କୁ ବି ଦଣ୍ଡ ମିଳିବ । ସଚେତନ ନାଗରିକ ଭାବେ ଅନ୍ୟାୟକୁ ଦୃଷ୍ଟିଗୋଚରକୁ ଅଣାଯାଉ ବୋଲି କହିଛନ୍ତି ସୁରେଶ ପୂଜାରୀ । ସୂଚନା ଯୋଗ୍ୟ ଯେ, ଗତ ଜୁନ୍ ୨୬ ତାରିଖ ଅପରାହ୍ନରେ ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। କାଉନସିଲରମାନେ ପ୍ରାୟ ୮ ଘଣ୍ଟା ଧରି ତାଙ୍କୁ ଅଟକ ରଖିଥିଲେ। ଏମିତିକି ଔଷଧ ଖାଇବାକୁ ମଧ ଛାଡ଼ିନଥିଲେ। କିଛି ଫାଇଲରେ ଜବରଦସ୍ତ ଦସ୍ତଖତ କରିବାକୁ କେତକ କାଉନସିଲର ଧମକଚମକ ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ତେବେ ଏ ବାବଦରେ ୨୭ ତାରିଖରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହ ଛୁଟିରେ ରହିଛନ୍ତି ନିର୍ବାହୀ ଅଧିକାରୀ ପ୍ରଦୀପ ପାଢ଼ୀ। ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଜିଲ୍ଲାପାଳ ଏକ ଟିମ୍ ଗଠନ କରି ଏହି ଘଟଣାର ତଦନ୍ତ କରୁଥିବା କୋରେଇ ବିଧାୟକ ଆକାଶ ଦାସ ନାୟକ କହିଥିବାବେଳେ ଆଇନମନ୍ତ୍ରୀ କହିଛନ୍ତି ଯିଏ ଦୋଷୀ ସିଏ ଦଣ୍ଡ ପାଇବ । ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗିରଫ ହୋଇଥିବାବେଳେ ବ୍ୟାସନଗର ମାମଲାରେ କାହିଁକି ଅଭିଯୁକ୍ତଙ୍କୁ ଗିରଫ କରାଯାଉନି ସେ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।



# ଭିଜିଲାନ୍ସ ପଞ୍ଝାରେ ବିଡିଓ ଏବଂ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ



**ଭୁବନେଶ୍ୱର, ୦୭/୦୭ ନ୍ୟୁଜ ବ୍ୟୁରୋ**

ଟୋଲ୍ ଫ୍ରି' ନମ୍ବରରେ ହୋଇଥିବା ଅଭିଯୋଗ ଆଧାରରେ ସମ୍ବଲପୁର ରାଇରଖୋଲର ବିଡିଓ ଡ. ଶୁଭ ପ୍ରକାଶ ସୋରେନ ଏବଂ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ମହେଶ୍ୱର ସାହୁଙ୍କୁ ଧରିଛି ଭିଜିଲାନ୍ସ ଟିମ୍। ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଜଣେ ହିତାଧିକାରୀଙ୍କ କୁକୁଡ଼ା ଫାର୍ମର ସବସିଡି ଟଙ୍କା ପ୍ରଦାନ ପାଇଁ ୫,୦୦୦ ଟଙ୍କା ଲାଞ୍ଚ ନେବା ସମୟରେ ଦୁର୍ନୀତି ନିବାରଣ ଟିମ୍ ତାଙ୍କୁ ଧରିଛି। ସୂଚନା ମୁତାବକ ଉଭୟ ଅଧିକାରୀ ଜଣେ ହିତାଧିକାରୀଙ୍କଠାରୁ ଦ୍ୱିତୀୟ ପର୍ଯ୍ୟାୟ ସବସିଡି ରାଶି ୫୪,୦୦୦ ଟଙ୍କା ପ୍ରଦାନ ପାଇଁ ୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଓଡ଼ିଶା ସରକାରଙ୍କ ଗୋ-ସୁଗମ ଯୋଜନାରେ ହିତାଧିକାରୀ ଜଣକ ଏପ୍ରିଲ୍ ୨୦୨୫ରେ କୁକୁଡ଼ା ଫାର୍ମ କରିଥିଲେ ଏବଂ ମୋଟ୍ ସବସିଡି ଟଙ୍କା ବାବଦକୁ ୯୦,୦୦୦ଟଙ୍କା ପାଇବାକୁ ଯୋଗ୍ୟ ଥିଲେ। ସେ ଏପ୍ରିଲ ୨୦୨୫ରୁ ଡ. ସୋରେନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ସବସିଡି ରାଶି ୫୪,୦୦୦ ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରି ଆସୁଥିଲେ। କିନ୍ତୁ ଡ. ସୋରେନ ଉକ୍ତ ରାଶି ପ୍ରଦାନ କରିବା ପାଇଁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ । କୌଣସି ବିକଳ୍ପ ନ ପାଇ ଟୋଲଫ୍ରି ନମ୍ବର-୧୦୬୪ରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ସେ ଖବର ଦେଇଥିଲେ। ଏହା ପରେ ଭିଜିଲାନ୍ସ ଅଧିକାରୀମାନେ ସୋମବାର ବିଡିଓ ଶୁଭ ପ୍ରକାଶ ସୋରେନ ଏବଂ ପିଏ ମହେଶ୍ୱର ସାହୁଙ୍କୁ ୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରିଛନ୍ତି। ଉଭୟଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହା ପରେ ବିଡିଓ ଶୁଭ ପ୍ରକାଶ ସୋରେନଙ୍କ ୨ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢଉ କରିଛି।

# ପ୍ୟାକିଂ ସମ୍ପୂର୍ଣ୍ଣ ସମାପ୍ତ, ସରକାରୀ ବାସଭବନ ଖୁବ୍‌ଶୀଘ୍ର ଛାଡିବି : ଜଷ୍ଟିସ୍ ଚନ୍ଦ୍ରଚୂଡ

**ନୂଆଦିଲ୍ଲୀ, ୭/୭**

ସୁପ୍ରିମକୋର୍ଟ ପ୍ରଶାସନ ଚାହିଁଛନ୍ତି ଯେ ପୂର୍ବତନ ସିଜେଆଇ ଡି.ୱାଇ ଚନ୍ଦ୍ରଚୂଡ ତୁରନ୍ତ ସରକାରୀ ବାସଭବନ ଖାଲି କରନ୍ତୁ । ସେ ଏବେ ବି କ୍ରିଷ୍ଣା ମେନନ ମାର୍ଗରେ ଥିବା ସରକାରୀ ବାସଭବନରେ ରହୁଛନ୍ତି। ସେହି ବାସଭବନ ବର୍ତ୍ତମାନର ସିଜେଆଇଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ଜଷ୍ଟିସ୍ ଚନ୍ଦ୍ରଚୂଡଙ୍କୁ ଖାଲି କରିବାକୁ କୁହାଯାଇଛି । ଜଷ୍ଟିସ୍ ଚନ୍ଦ୍ରଚୂଡ କହିଛନ୍ତି ଯେ ଜଷ୍ଟିସ୍ ସଞ୍ଜିବ ଖାନ୍ନା ତାଙ୍କୁ ଏପ୍ରିଲ ପର୍ଯ୍ୟନ୍ତ ରହିବାକୁ ଅନୁମତି ଦେଇଥିଲେ। ତାଙ୍କ ଝିଅର ବିଶେଷ ଆବଶ୍ୟକତା ଯୋଗୁଁ ସେ ଜୁନ୍ ପର୍ଯ୍ୟନ୍ତ ରହିବାକୁ କହିଥିଲେ । ଏହାପରେ ସେ ତାଙ୍କୁ ଭଡାରେ ଏକ ଘର ଦେବାକୁ ସରକାରଙ୍କୁ ମଧ ଅନୁରୋଧ କରିଥିଲେ।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ପ୍ରଶାସନ ଚାହୁଁଛି ଯେ ସରକାର ବିଳମ୍ବ ନକରି ଯଥାଶୀଘ୍ର ଏହି ଘର ଖାଲି କରନ୍ତୁ । ଏହି ମାମଲାରେ ଅନେକ ପ୍ରଶ୍ନ ଉଠିଛି, ଯେପରିକି ଜଷ୍ଟିସ୍ ଚନ୍ଦ୍ରଚୂଡଙ୍କୁ ନିୟମ ବିରୋଧରେ ସରକାରୀ ବାସଭବନରେ ରହିବାକୁ ଅନୁମତି ଦିଆଯାଇଥିଲା କି ? ସରକାର କ'ଣ ତାଙ୍କ ପାଇଁ ନିୟମ କୋହଳ କରିଥିଲେ କି ? ଏବଂ ଜଣେ ପୂର୍ବତନ ପ୍ରଧାନ ବିଚାରପତିଙ୍କ ପାଇଁ ଏତେ ଦିନ ପର୍ଯ୍ୟନ୍ତ ସରକାରୀ ବାସଭବନରେ ରହିବା କ'ଣ ଉପଯୁକ୍ତ ?



ସେପଟେ ପୂର୍ବତନ ସିଜେଆଇ ଡି.ୱାଇ ଚନ୍ଦ୍ରଚୂଡ କହିଛନ୍ତି ଯେ ମୋ ପାଖରେ ଥିବା ସରକାରୀ ଘରଟିର ବହୁତ ମରାମତି ଆବଶ୍ୟକ। ଏହା ସମ୍ପୂର୍ଣ୍ଣ ହେବା ପାଇଁ ଆମେ ଅପେକ୍ଷା କରିଛୁ। ଘରଟି ପ୍ରସ୍ତୁତ ହେବା ମାତ୍ରେ, ଆମେ ତୁରନ୍ତ ସେଠାକୁ ସ୍ଥାନାନ୍ତରିତ ହେବୁ । ଆମର ପ୍ୟାକିଂ ମଧ ସମ୍ପୂର୍ଣ୍ଣ ହୋଇସାରିଛି । ଘରଟି ପ୍ରସ୍ତୁତ ହେବା ମାତ୍ରେ ପରଦିନ ସେଠାରେ ରହିବୁ । ସୁପ୍ରିମକୋର୍ଟ ପ୍ରଶାସନ ପକ୍ଷରୁ କେନ୍ଦ୍ର ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟକୁ ସିଜେଆଇଙ୍କ ସରକାରୀ ବାସଭବନକୁ ଖାଲି କରିବାକୁ ଚିଠି ଲେଖିଥିଲା ।

# ଆଇଟି ଅଫିସରେ ହାଜର ହେଲେ ବିଶାଳ ଦାସ

**ଭୁବନେଶ୍ୱର, ୦୭/୦୭ ନ୍ୟୁଜ ବ୍ୟୁରୋ**

ଆୟକର ବିଭାଗ କାର୍ଯ୍ୟାଳୟରେ ହାଜର ହେଲେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ପୁଅ ବିଶାଳ ଦାସ । ଆୟକର ବିଭାଗ ନୋଟିସ ପରେ ସେ ହାଜର ହୋଇଛନ୍ତି । କିଛି ଦିନ ପୂର୍ବରୁ ଆୟକର ବିଭାଗ ନବ ଦାସଙ୍କ ଘର ସମେତ ୯ଟି ସ୍ଥାନରେ ଚଢଉ କରିଥିଲା । ଆୟକର ବିଭାଗ ପକ୍ଷରୁ ଝାରସୁଗୁଡ଼ା ସମେତ ସମ୍ବଲପୁର, ଭୁବନେଶ୍ୱର, ଦିଲ୍ଲୀ, ସୁନ୍ଦରଗଡ଼ ଓ ଅନ୍ୟାନ୍ୟ ସ୍ଥାନରେ ଥିବା ସ୍ୱର୍ଗତ ନବ ଦାସଙ୍କ ଘର, ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ, ତାଙ୍କ ଘନିଷ୍ଠ ସହଯୋଗୀ ଏବଂ ସଂପର୍କୀୟଙ୍କ ଠିକଣାରେ ଚଢ଼ଉ କରାଯାଇଥିଲା ।

୨୦୨୩ ଏପ୍ରିଲ ଓ ମେ' ମାସରେ ନବ ଦାସଙ୍କ ପୁଅ ବିଶାଳ ଦାସ ୪ଟି କମ୍ପାନିର ପାର୍ଟନର ହୋଇଥିବାବେଳେ ଏହି କମ୍ପାନିଗୁଡ଼ିକ ଝାରସୁଗୁଡ଼ା ବଡ଼ମାଲର ବୋଲି ଦର୍ଶାଯାଇଛି। ତେଣୁ ଏହି କମ୍ପାନି ଲିଙ୍କ୍‌ରେ ନବ ଦାସଙ୍କ ବାସଭବନରେ କାଗଜପତ୍ର ଯାଞ୍ଚ ହେଉଥିବା ଚର୍ଚ୍ଚା ହୋଇଥିଲା । ବାୟୋଫୁଏଲ୍ ବ୍ୟବସାୟରେ ବିଶାଳ ଦାସ କରିଥିବା ପୁଞ୍ଜିନିବେଶର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏହାଛଡ଼ା ନବଙ୍କ ଜଣେ ଘନିଷ୍ଠ ସହଯୋଗୀ ବୁଲୁ ବିଶ୍ୱାଳ ଓ ରେଙ୍ଗାଲିର ଜଣେ ମିଲ୍ ମାଲିକଙ୍କ ବାସଭବନରେ ବି ଚଢ଼ଉ କରାଯାଇଥିଲା ।

# ରଥ ଚକା ତଳେ ନାବାଳକର ଜୀବନ ଗଲା : ୩ ଆହତ

**ବିନିକା, ୭।୭ ନ୍ୟୁଜ ବ୍ୟୁରୋ**

ବିନିକା ସହରରେ ବାହୁଡ଼ା ଯାତ୍ରା ବେଳେ ଅଘଟଣା । ରଥ ଚକା ତଳେ ଚାପି ହୋଇ ଚାଲିଗଲା ଜୀବନ। ଏହି ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ଜଣ ନାବାଳକ ଆହତ ହୋଇଥିବା ସୂଚନା ମିଳିଛି। ମୃତକ ନାବାଳକ ହେଲେ ବରଗଡ଼ ଜିଲ୍ଲା ଭେଡେନ୍ ଥାନା ଥୁଆପାଲି ଗାଁର ଚୌଧୁରୀ ମେହେରଙ୍କ ୧୨ ବର୍ଷର ପୁଅ ପିଙ୍କୁ ମେହେର । ଆହତମାନେ ହେଲେ ବିନିକା ସହରର ପ୍ରତ୍ୟୁଷ ମାହାଣା, ଆଦର୍ଶ ଦାଶ, ସୌରୂପ ଦାଶ । ସୂଚନାନୁସାରେ, ବାହୁଡା ଯାତ୍ରାରେ ୩ଟା ସମୟରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଟଣା ଯାଉଥିବା ସମୟରେ ଉକ୍ତ ନାବାଳକମାନେ ରଥଚକା ତଳେ ଚାପି ହୋଇଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ପିଙ୍କୁ ମେହେରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ରେଫର୍ କରାଯାଇଥିଲା । କଟକ ନେଉଥିବା ସମୟରେ ବିଳମ୍ବିତ ରାତିରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିବା ବେଳେ ଏହି ଘଟଣା ପାଇଁ ଜନସାଧାରଣ ପ୍ରଶାସନକୁ ଦାୟୀ କରିଛନ୍ତି।

# ନନ୍ଦନକାନନରେ ନୂଆ ଅତିଥି : ଜନ୍ମ ନେଲେ ୧୧ ଆନାକୋଣ୍ଡା

**ଭୁବନେଶ୍ୱର, ୭/୭ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପାଇଁ ଖୁସି ଖବର । ନନ୍ଦନକାନନକୁ ଆସିଲେ ନୂଆ ଅତିଥି । ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସରୀସୃପ ଉଦ୍ୟାନ ମଧ୍ୟରେ ଜନ୍ମ ହେଲେ ୧୧ଟି ହଳଦିଆ ଆନାକୋଣ୍ଡା । ଏହି ୧୧ ଆନାକୋଣ୍ଡା ସହ ଏବେ ମୋଟ ହଳଦିଆ ଆନାକୋଣ୍ଡା ସଂଖ୍ୟା ୨୫କୁ ବୃଦ୍ଧି ପାଇଛି । ଏମାନଙ୍କ ମଧ୍ୟରେ ୨ଟି ଅଣ୍ଡିରା, ୨ଟି ମାଈ ଓ ୩ଟି ମଧ୍ୟମ ବୟସ୍କ ଥିବାବେଳେ ଲିଙ୍ଗ ଚିହ୍ନଟ ହୋଇ ନଥିବା ୧୮ଟି ଆନାକୋଣ୍ଡା ଥିବା ନେଇ ନନ୍ଦନକାନନର ଉପନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏହା ନନ୍ଦନକାନନର ସରୀସୃପ ସଂରକ୍ଷଣ, ଉତ୍କୃଷ୍ଟ ତତ୍ତ୍ୱାବଧାନ ସାଙ୍ଗକୁ ବୈଜ୍ଞାନିକ ପଦ୍ଧତିରେ ପ୍ରଜନନର ଏକ ସଫଳତା ବୋଲି ସେ କହିଛନ୍ତି । ସେପଟେ ଅକ୍ଟୋବର ୨୦୧୯ରେ ମାଡ୍ରାସ କୁମ୍ଭୀର ବ୍ୟାଙ୍କ ଟ୍ରଷ୍ଟରୁ ପ୍ୟାରେଣ୍ଟସ୍ ସାପଗୁଡ଼ିକୁ ଅଣାଯାଇଥିଲା। ୨୯ ଜୁନ୍ ୨୦୨୫ରେ ସାତଟି ଛୁଆ ଜନ୍ମ ହେବା ପରେ ଏହା ଏକ ସପ୍ତାହ ମଧ୍ୟରେ ଦ୍ୱିତୀୟ ସଫଳ ପ୍ରଜନନ ହୋଇଛି ।






# କୌଣସି ମୁହୂର୍ତ୍ତରେ ହୋଇପାରେ ତୃତୀୟ ବିଶ୍ୱଯୁଦ୍ଧ : ନୀତିନ୍ ଗଡ଼କରୀ

**ନୂଆଦିଲ୍ଲୀ, ୭।୭**

କୌଣସି ସମୟରେ ହୋଇପାରେ ତୃତୀୟ ବିଶ୍ୱଯୁଦ୍ଧ । ମଧ୍ୟପ୍ରାଚ୍ୟ କିମ୍ବା ୟୁରୋପରୁ ପଡ଼ିପାରେ ଏହାର ମୂଳଦୁଆ । ଇସ୍ରାଏଲ-ଇରାନ ଏବଂ ଋଷ୍-ୟୁକ୍ରେନ ଯୁଦ୍ଧରୁ ଏଭଳି ଅନୁମାନ କରାଯାଉଛି । ନାଗପୁରରେ ରବିବାର ଅନୁଷ୍ଠିତ 'ବିୟଣ୍ଡ ବର୍ଡର୍ସ' ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଭଳି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ । ଏହି କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱ ସଂଘର୍ଷ ଏବଂ ମାନବିକ ସଙ୍କଟ ବିଷୟରେ ଗମ୍ଭୀର ଚିନ୍ତା ପ୍ରକଟ କରିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସମୟରେ ବିଶ୍ୱରେ ଏକାଧିକ ଦେଶ ମଧ୍ୟରେ ସଂଘର୍ଷ ଜାରି ରହିଛି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ, ରୁଷିଆ-ୟୁକ୍ରେନ ମଧ୍ୟରେ ଯାହା ଘଟୁଛି ଏହାକୁ ଦେଖି ଅନୁମାନ କରାଯାଉଛି ଯେ, ଯେକୌଣସି ସମୟରେ ବିଶ୍ୱ ଯୁଦ୍ଧ ଆରମ୍ଭ ହୋଇପାରେ । ବର୍ତ୍ତମାନ ଯେଉଁ ଯୁଦ୍ଧ ହେଉଛି ତାହା କେବଳ ସୈନିକଙ୍କ ମଧ୍ୟରେ ସୀମିତ ନୁହେଁ ବରଂ ମିଶାଇଲ, ଡ୍ରୋନ୍ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସାଧାରଣ ନାଗରିକଙ୍କୁ ସିଧାସଳଖ ଟାର୍ଗେଟ୍ କରାଯାଉଛି । ଶ୍ରୀ ଗଡ଼କରୀ କହିଛନ୍ତି, ସମୟକ୍ରମେ ସମନ୍ୱୟ, ସଦ୍‌ଭାବ ଏବଂ ପ୍ରେମର ଭାବନା ହ୍ରାସ ପାଉଛି । ସାଧାରଣ ନାଗରିକ ମଧ୍ୟ ଯୁଦ୍ଧର ଟାର୍ଗେଟ୍ ହେଉଛନ୍ତି । ଯାହାଫଳରେ ମାନବତାକୁ ସୁରକ୍ଷା ଦେବା କଷ୍ଟକର ହେଉଛି । ମିଶାଇଲ୍ ଆକ୍ରମଣ ଏବେ ନାଗରିକ ବସତିରେ ପହଞ୍ଚିଛି। ଯୁଦ୍ଧ କେବଳ ସାମରିକ ନୁହେଁ, ଏବେ ନୈତିକ ଏବଂ ସାମାଜିକ ଯୁଦ୍ଧ ମଧ୍ୟ ଲଢ଼ାଯାଉଛି । ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ଇରାନ ଏବଂ ୟୁରୋପରେ ରୁଷିଆ-ୟୁକ୍ରେନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଛି । ଏହି ସମୟରେ ଶ୍ରୀ ଗଡ଼କରୀଙ୍କ ଏଭଳି ବୟାନ ଦେଇଛନ୍ତି । ବିଶ୍ୱରେ ଯୁଦ୍ଧର ବର୍ତ୍ତମାନର ପରିସ୍ଥିତି ଉପରେ ଶ୍ରୀ ଗଡ଼କରୀ ଭାରତକୁ ବୁଦ୍ଧଙ୍କ ଭୂମି ଭାବରେ ବର୍ଣ୍ଣନା କରି କହିଛନ୍ତି ଯେ, ଭାରତ ସର୍ବଦା ସତ୍ୟ, ଅହିଂସା ଏବଂ ଶାନ୍ତିର ବାର୍ତ୍ତାବହ ହୋଇଆସିଛି। ଏପରି ପରିସ୍ଥିତିରେ ଭାରତ ବିଶ୍ୱସ୍ତରୀୟ ମଞ୍ଚରେ ଶାନ୍ତି ଏବଂ ସମନ୍ୱୟ ପାଇଁ ପ୍ରୟାସର ନେତୃତ୍ୱ ନେବା ଆବଶ୍ୟକ । ବିଶ୍ୱସ୍ତରୀୟ ସଂଘର୍ଷର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ଏହାର ରଣନୈତିକ ଆଭିମୁଖ୍ୟ ସମୀକ୍ଷା କରିବା ଉଚିତ୍ । ଅନ୍ତର୍ଜାତୀୟ କୂଟନୀତିରେ ଶାନ୍ତି ପଦକ୍ଷେପକୁ ପ୍ରାଥମିକତା ଦିଆଯିବା ଉଚିତ୍ । ଆମକୁ ବିଚାର କରିବାକୁ ପଡ଼ିବ ଯେ, ଆମର ବୈଦେଶିକ ନୀତି କିପରି ମାନବତାକୁ ସୁରକ୍ଷା ଦେବାରେ ସହାୟକ ହୋଇପାରିବ ।

